# ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ନିଆଁ

## ଆୟତ୍ତ କଲା ବନବିଭାଗ

ନୀଳଗିରି, ୨୩।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ଅଧୀନ ସଜନାଗଡ ପଞ୍ଚାୟତ ନୂଆସାହି ଗ୍ରାମ ନିକଟ ଜଙ୍ଗଲ ଏବଂ ଜାମୁଡ଼ିହା ପଞ୍ଚାୟତ ସାତରାଣ୍ଡ ଗ୍ରାମ ନିକଟ ଜଙ୍ଗଲ ସୋମବାର ମଧାହ୍ନ ସମୟରେ ହୁତୁ ହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା। ଫଳରେ ପାଖାପାଖି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ନୀଳଗିରି ବନ ବିଭାଗର କର୍ମଚାରୀ ଦୁଇଟି ସ୍ଥାନରେ ପହଞ୍ଚି ବ୍ଲୋୟର୍ ଦ୍ୱାରା ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବନବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯିବା ସହ ଜଙ୍ଗଲ ହେଉଛି ସମସ୍ତଙ୍କର, ଜଙ୍ଗଲରେ ଅନେକ ପ୍ରକାର ଜୀବଜନ୍ତୁ ରହିଥାଆନ୍ତି। ନିଆଁ ଲାଗିବା ଯୋଗୁ ଅନେକ ଜୀବଜନ୍ତୁ ମୃତ୍ୟୁବରଣ କରିବା ସହ ଅନେକ ମୂଲ୍ୟବାନ ଗଛ ମଧ ନଷ୍ଟ ହୋଇଥାଏ ବୋଲି ସଚେତନ କରାଯାଇଥିଲା। ଦୁଇଟି ସ୍ଥାନରେ ଏହି ନିଆଁ ଲାଗି ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଛି। ପବନର ବେଗ ବଢ଼ିବା ସହ ନିଆଁ ବ୍ୟାପିବାରେ ଲାଗିଥିଲା।

ପ୍ରତିବର୍ଷ ଗ୍ରୀଷ୍ମ ଋତୁ ଆସିଲେ ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼, କୁଲଡ଼ିହା ଅଭୟାରଣ୍ୟ ଓ ଅଭୟାରଣ୍ୟ ପାଦଦେଶ ଅଞ୍ଚଳ, ତିନିକୋଶିଆ ଏବଂ ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ଲାଗୁଥିବା ନିଆଁକୁ ଲିଭାଇବା ପାଇଁ ବନବିଭାଗ ନାକେଦମ୍ ହେବାକୁ ପଡ଼ିଥାଏ।


ନୂଆସାହି ଗ୍ରାମ ନିକଟ ଜଙ୍ଗଲରେ ଅଗ୍ନିକାଣ୍ଡ।

# ୪୦ ଫୁଟ ତଳକୁ ଖସିଲା ଗ୍ୟାସ ବୋଝେଇ ଟ୍ରକ



ସୋର, ୨୩।୨(ଜନ୍ମେଜୟ ମିଶ୍ର)

ସୋମବାର ଦ୍ୱିପ୍ରହର ସମୟରେ ପଶ୍ଚିମବଙ୍ଗ ହଳଦିଆରୁ କଟକ ଜଗତପୁର ଅଭିମୁଖେ ଏକ ଗ୍ୟାସ ବୋଝେଇ ଟ୍ରକ ୧୬ନଂ ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ତଳକୁ ଖସିପଡିଛି। ଏହି ସମୟରେ ଏକ ଟ୍ରକ (ନଂ. ଓଡି ୦୧ ଏଏ ୪୩୯୧) ବାଗୁଡି ପଥର ଖାଦାନରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ସାମନାରେ ଥିବା ଗ୍ୟାସ ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଗ୍ୟାସ ବୋଝେଇ ଗାଡି ୪୦ଫୁଟ ତଳ ନୟନଯୋରିକୁ ଖସିପଡିଥିଲା। ଟ୍ରକ ଚାଳକ ବିହାର ଅଞ୍ଚଳର ଯୁବେଡ ଖାନ(୩୫) ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳକୁ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଡ୍ରାଇଭରଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୋର ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ରାସ୍ତାଜାମ ହଟାଇଥିବା ଜଣାପଡିଛି।

# ଆଦିବାସୀ ଯୁବକଙ୍କ ଆତ୍ମହତ୍ୟା

ଔପଦା, ୨୩।୨(ଧରିତ୍ରୀ ପଣ୍ଡା)

ଔପଦା ଥାନା ଅଘିରାପଦା ପଞ୍ଚାୟତ ଛିଞ୍ଚିଡ଼ା ଗ୍ରାମ ଆଦିବାସୀ ସାହିର ଗୁରୁବା ସିଂ( ୪୦)ବିଲ ମଝିରେ ଥିବା ଏକ ମହୁଲ ଗଛର ପ୍ରାୟ ୪୦ ଫୁଟ ଉଚ୍ଚରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଥାନା ଅଧିକାରୀ ପ୍ରମୋଦ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ଏକ ମହୁଲ ଗଛର ବହୁ ଉଚ୍ଚରେ ଜଣେ ଆଦିବାସୀ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତଦେହକୁ ଉଦ୍ଧାର ପାଇଁ ଦମକଳ ବାହିନୀକୁ ଡକାଯାଇଥିବା କହି ମୃତ୍ୟୁର କାରଣ ତଦନ୍ତ ପରେ ଜଣାଯିବ ବୋଲି କହିଛନ୍ତି।

# ପନ୍ତେଇ ଫେରିଘାଟ ରାସ୍ତା ଅବରୋଧ

ବାଲିଆପାଳ, ୨୩।୨(ଗୋପାଳ ଚନ୍ଦ୍ର ସାହୁ)

ସରକାର ଯେତେ ନିୟମ କାନୁନ କଲେ ବି ବାଲି ଚୋରାଚାଲାଣକାରୀଙ୍କ ଟିକିଏ ବି ଡର କି ଭୟ ନାହିଁ। ଖୁଲମ୍ ଖୁଲା ପନ୍ତେଇ ଫେରି ଘାଟ ରାସ୍ତା ଉପରେ ନଦୀରୁ ବାଲି ଉଠାଇ ରାସ୍ତା ଉପରେ ଗଦା କରୁଛନ୍ତି। ଏହାକୁ ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ବାଲି ଚୋରାଚାଲାଣ କରି ମାଲାମାଲ ହେଉଛନ୍ତି। ପ୍ରଶାସନର ନାକତଳେ ଏପରି ବେଆଇନ କାର୍ଯ୍ୟ ଚାଲୁଥିଲେ ମଧ ରୋକ ଲାଗିପାରୁନାହିଁ।

ସରକାର ବାଲି ଖାଦାନ ଗୁଡିକୁ ନିଲାମ କରିବାରେ ବିଳମ୍ବ ହେଉଥିବାର ସୁଯୋଗ ନେଇ ବାଲି ଚୋରାଚାଲାଣକାରୀମାନେ ଖାଦାନ ଏରିଆ ଛାଡ଼ି ଡଙ୍ଗା ସାହାଯ୍ୟରେ ଲୋକ ଲଗାଇ ନଦୀ ଭିତରୁ ବାଲି ଉତ୍ତୋଳନ କରି ବାଲି ବିକ୍ରି କରୁଛନ୍ତି। ତଦନୁଯାୟୀ ବିଷ୍ଣୁପୁର ପଞ୍ଚାୟତର ରସଲପୁର, ଇକଡ଼ପାଳ, ଜାମକୁଣ୍ଡା ପଞ୍ଚାୟତର କୁହ୍ଲାଚଢ଼ ଅଞ୍ଚଳରୁ ପ୍ରତିଦିନ ବହୁ ସଂଖ୍ୟାରେ ଡଙ୍ଗାରେ ନଦୀ ଭିତରୁ ବାଲି ଉଠାଇ ପନ୍ତେଇ ଫେରି ଘାଟ ରାସ୍ତା ଉପରେ ଗଦା କରାଯାଇଛି। ପରେ ସେଠାରୁ ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ବାଲି ବିକ୍ରି କରୁଛନ୍ତି। ରାସ୍ତାରେ ବାଲି ପାହାଡ଼ ପରି ଗଦା ହୋଇ ଜମା ହେଉଥିବାରୁ ବାଲିଆପାଳରୁ ଭୋଗରାଇକୁ ଯିବା ପାଇଁ ଏକ ମାତ୍ର ପନ୍ତେଇ ଫେରି ଘାଟ ଦେଇ ଲୋକମାନେ ଯାତାୟାତ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତି ଦିନ ଶହ ଶହ ବାଲି ବୋଝେଇ ଟ୍ରାକ୍ଟର କୁହ୍ଲାଚଢ଼ଠାରୁ ସୁବର୍ଣ୍ଣରେଖା ନଦୀ ପନ୍ତେଇ ଫେରି ଘାଟ ରାସ୍ତାରେ ଯାତାୟାତ କରୁଥିବାରୁ ମାଟିଗୋଡି ଏହି ରାସ୍ତାର ଅବସ୍ଥା ଖାଲଢ଼ିପ ଖମାରେ ପରିଣତ ହୋଇ ଦୁର୍ଗମ ରାସ୍ତାରେ ପରିଣତ ହୋଇଛି। ଟ୍ରାକ୍ଟର ଚାଲିବା ଦ୍ୱାରା ବାଲି ଧୂଳିରେ ଯାତାୟାତ କରିବା ମୁସ୍କିଲ ହେଉଛି। ସବୁବେଳେ ରାସ୍ତାତମାମ କୃତ୍ରିମ ବାଲି ଝଡ଼ ହେଉଥିବାର ପ୍ରତ୍ୟୟମାନ ହେଉଛି। ବାଲି ଚୋରାଚାଲାଣକାରୀମାନେ ଚଢ଼ାଦାମ୍‌ରେ ବାଲି ବିକ୍ରି କରି ମାଲାମାଲ ହେଉଛନ୍ତି। ଏ ବିଷୟରେ ବାଲିଆପାଳ ତହସିଲଦାରଙ୍କ ସହିତ ଯୋଗାଯୋଗ କରିବାରୁ ବର୍ତ୍ତମାନ ବାଲି ଲଘୁ ଖଣିଜ ସମ୍ପଦରେ ଯାଉଛି। ସେଥିପାଇଁ ମାଇନ୍ସ ବିଭାଗକୁ ତଦାରଖ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଦାୟିତ୍ୱ ଦେଇଛନ୍ତି। ସେମାନେ ହିଁ ସେ କଥା କହିପାରିବେ। ମାତ୍ର ମାଇନ୍ସ ବିଭାଗର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାର ସୁଯୋଗ ନେଇ ବାଲି ଚୋରାଚାଲାଣକାରୀମାନେ ବାଲି ଚୋରା ଚାଲାଣ ଜାରି ରଖିଛନ୍ତି।


ରାସ୍ତାରେ ବାଲି ରଖାଯାଇଛି।

# କଇଥଗଡିଆ-ଡୁଙ୍ଗୁରା ନିର୍ମାଣାଧୀନ ରାସ୍ତାର ତଦନ୍ତ


ଅଧିକାରୀମାନେ ମେଟାଲିଂ ହୋଇଥିବା ଅଂଶ ଯାଞ୍ଚ କରୁଛନ୍ତି।

ଖଇରା, ୨୩।୨(ଉତ୍କଳବନ୍ଧୁ ପଣ୍ଡା)

- ଅନିୟମିତତା ଅଭିଯୋଗକୁ ସ୍ୱୀକାର କଲେ ଅଧୀକ୍ଷଣ ଯନ୍ତ୍ରୀ
- ଖରାପ ହୋଇଥିବା କାର୍ଯ୍ୟକୁ ପୁନଃନିର୍ମାଣ ପ୍ରତିଶ୍ରୁତି

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରମୁଖ ସଡ଼କ କଇଥଗଡିଆ-ଡୁଙ୍ଗୁରା ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହେବା ସହ ଏବେ କିଛି ମାସ ତଳେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । ହେଲେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁ ସଂଖ୍ୟାର ଅଭିଯୋଗ ପରେ ସୋମବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମୀର କୁମାର ସେଠୀଙ୍କ ନେତୃତ୍ୱର ଏକ ଟିମ୍ ସୋମବାର ରାସ୍ତା କାର୍ଯ୍ୟର ଯାଞ୍ଚ କରିଛନ୍ତି । ପିଚୁ ପାଇଁ ନିର୍ମିତ ହୋଇଥିବା ଡବ୍ଲ୍ୟୁଏମ୍‌ଏମ୍ ବା ମେଟାଲିଂକୁ ବିଭିନ୍ନ ସ୍ଥାନରେ ଖୋଳି ଦେଖିବା ଏବଂ ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅବଗତ ହେବା ପରେ ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ସେଠୀଙ୍କ ପ୍ରତିକ୍ରିୟା ନିଆଯିବାରେ ରାସ୍ତା ପାଇଁ ନିମ୍ନମାନର ମେଟାଲ ବ୍ୟବହୃତ ହେବା, କଂକ୍ରିଟରେ ପାଣି ଦିଆଯାଇ ନ ଥିବା ବିଷୟ ସ୍ୱୀକାର କରିଛନ୍ତି। ଆଉ ଥରେ କାର୍ଯ୍ୟର ସଂଶୋଧନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ ପ୍ରମୁଖ ସାମିଲ ଥିଲେ। ୨କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୫.୧୫୬କି.ମି. ରାସ୍ତା ୨୦୨୫ ନଭେମ୍ବରରେ ଆରମ୍ଭ ହୋଇ ୨୦୨୬ ମସିହା ଏପ୍ରିଲ ୧୧ତାରିଖରେ ସରିବା କଥା। ହେଲେ ୪ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ୨୦ ପ୍ରତିଶତ କାର୍ଯ୍ୟ ସରିନାହିଁ। ହେଲେ କାର୍ଯ୍ୟ ଆରମ୍ଭ ଦିନରୁ ଏଥିରେ ଦୁର୍ନୀତି ହେଉଥିବା ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା।

# 'କଳାପାହାଡ଼' ଓ 'ପତିତପାବନ' ଲୋକାର୍ପିତ

ବାଲେଶ୍ୱର, ୨୩।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷରେ ବିଶିଷ୍ଟ ଔପନାସିକ ପ୍ରଫେସର ଡ. ଭାଗବତ ବେହେରାଙ୍କ ଦୁଇଖଣ୍ଡ ଉପନ୍ୟାସ 'କଳାପାହାଡ଼' ଓ 'ପତିତପାବନ' ରବିବାର ଲୋକାର୍ପିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ବର୍ଷିୟାନ୍ ଲେଖକ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ପ୍ରଫେସର ସୁବାସ ଚନ୍ଦ୍ର ପାତ୍ର ଓ ଫକୀରମୋହନ ସାହିତ୍ୟର ବିଶିଷ୍ଟ ଗବେଷକ ପ୍ରଫେସର ଅରବିନ୍ଦ ଗିରି ଯୋଗଦେଇ ସମାଜ ପାଇଁ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କଳାପାହାଡ଼ ଉପନ୍ୟାସକୁ ସାହିତ୍ୟିକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ବିଷୟବସ୍ତୁର ତାତ୍ତ୍ୱିକ ସମୀକ୍ଷା କରିଥିଲେ। ସେହିପରି ପତିତପାବନ ଉପନ୍ୟାସକୁ ବୌଦ୍ଧିକ ଓ ବିଶ୍ଳେଷଣଧର୍ମୀ ସମୀକ୍ଷା କରିଥିଲେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର। ଔପନ୍ୟାସିକ ଡ. ବେହେରା ଉପନ୍ୟାସ ଦ୍ୱୟର ମାର୍ମିକ ତତ୍ତ୍ୱ ସମ୍ପର୍କରେ ବାଖ୍ୟା କରିଥିଲେ। ଗ୍ରନ୍ଥ ଦୁଇଟିର ପ୍ରକାଶକ ସନ୍ତୋଷ କୁମାର ବାରିକ ଓ ସଂଯୋଜକ ରାଜକିଶୋର ପଣ୍ଡିତ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ କଲ୍ୟାଣୀ ନନ୍ଦଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉକ୍ତ ଆସରରେ ଔପନ୍ୟାସିକ ଭାଗବତ ବେହେରାଙ୍କ ପରିବାର ଉପସ୍ଥିତ ଥିବା ବେଳେ ବାଲେଶ୍ୱରର ବହୁ ଜ୍ଞାନୀଗୁଣୀ ଓ ସାହିତ୍ୟ ରସପିପାସୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।


ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

# 'ସତ୍‌ମାର୍ଗରେ ଥିବା ମାତାପିତାଙ୍କ ସନ୍ତାନ ସଫଳ ହୁଅନ୍ତି'

ସିମୁଳିଆ, ୨୩।୨(ସନ୍ତୋଷ ନାୟକ)

ସାଧୁ ସନ୍ୟାସୀଙ୍କ ଦେଶ ହେଉଛି ଭାରତ ବର୍ଷ। ଯାହା ଅନ୍ୟମାନଙ୍କୁ ପଥ ପ୍ରଦର୍ଶନ କରେ ବୋଲି ସିମୁଳିଆ ବ୍ଲକ ମାର୍କୋଣା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ମାର୍କୋଣା ଶାଖାର ୩୬ତମ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୋଗୀ ରବିନ୍ଦ୍ରମୁନୀ ସତ୍ୟ ପତାକା ଉତ୍ତୋଳନ କରି ଉତ୍ସବର ଉଦ୍‌ଘାଟନ କରିବା ସହିତ ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଯୋଗାଚାର୍ଯ୍ୟ ଦଶରଥ ମୁନି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଯୋଗୀ ବିକାଶ ମୁନୀ ଯୋଗଦେଇ ଭାରତର ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସତ୍‌ମାର୍ଗରେ ଥିବା ମାତାପିତାମାନଙ୍କ ସନ୍ତାନ ମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ସଫଳ ହୁଅନ୍ତି ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିକାଶ ମୁନୀ, ମୁନୀରତ୍ନ ଯୋଗୀ ବସନ୍ତ ମୁନୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଯୋଗ, ସ୍ୱାସ୍ଥ୍ୟ, ସ୍ୱତନ୍ତ୍ର ବିଚାର ମୂଳକ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଗୌରୀଦେବୀ ଆବାହନୀ ସଙ୍ଗୀତ ଓ ଶାନ୍ତିଦେବୀ ଗୁରୁବନ୍ଦନା ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ମୁନୀ, ସନାତନ ମୁନୀ, ନିରଞ୍ଜନ ମୁନୀ, ପର୍ଶୁରାମ ମୁନୀ ପ୍ରମୁଖ ସହଯୋଗୀ ଥିଲେ। ମୁନିରାଜ ସୂର୍ଯ୍ୟକାନ୍ତ ମୁନୀ ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ୪ଟି ବ୍ଲକରେ ହେବ ଅଭିଯୋଗ ଶୁଣାଣି

ବାଲେଶ୍ୱର,୨୩।୨
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ଚଳିତବର୍ଷ ଆସନ୍ତା ମାର୍ଚ୍ଚରେ ବାଲେଶ୍ୱର ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଜଳେଶ୍ୱର, ବାଲିଆପାଳ, ସୋର, ସିମୁଳିଆ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଭିନ୍ନ ଭିନ୍ନ ତାରିଖରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୯ରେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ, ୧୬ରେ ସୋର ବ୍ଲକ କାର୍ଯ୍ୟାଳୟ, ୨୩ରେ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ, ୩୦ରେ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ଏବଂ ୨ରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ମିଳିତ ଜନଶୁଣାଣି କରିବେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ହୋଇ ଲୋକଙ୍କ ଅଭିଯୋଗ ଗ୍ରହଣ କରି ପଦକ୍ଷେପ ନେବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛନ୍ତି।

# କ୍ରୀଡ଼ା ଶୃଙ୍ଖଳା, ଏକତାର ମହତ୍ତ୍ୱ

ବାଲେଶ୍ୱର, ୨୩।୨(ବାଞ୍ଛାନିଧି ଦେ)

- ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଖେଳ କସରତ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ
- ଭାଗ ନେଲେ ୧୫ ବିଶ୍ୱବିଦ୍ୟାଳୟର ୨୩ଶହ ପ୍ରତିଯୋଗୀ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହଯୋଗରେ ଆୟୋଜିତ 'ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକସରତ ଓ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୦୨୬' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ୬ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ା ମହାକୁମ୍ଭରେ ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରୁ ୨୩ଶହରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ସେମାନଙ୍କର ପ୍ରତିନିଧି ତଥା କୋଚ୍‌ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଇନଡୋର ଓ ଆଉଟଡୋରରେ ସମୁଦାୟ ୧୧ଟି ଖେଳକସରତ ଓ କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରାଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଆୟୋଜକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ। ଏହାପରେ ୧୫ଟି ବିଶ୍ୱବିଦ୍ୟାଳୟର ଦଳମାନଙ୍କ ଦ୍ୱାରା ଶୃଙ୍ଖଳିତ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି ଏମ୍‌ପି ଷଡ଼ଙ୍ଗୀ କ୍ରୀଡ଼ା ଆତ୍ମା, ଶୃଙ୍ଖଳା ଓ ଏକତାର ମହତ୍ତ୍ୱ ବୋଲି କହିଥିଲେ। କ୍ରୀଡ଼ାବିତମାନଙ୍କୁ ସତ୍ୟନିଷ୍ଠା ଓ ଉତ୍ସାହର ସହିତ ଖେଳିବାକୁ ସେ ଆହ୍ୱାନ ଦେଇଥିଲେ।

ଉଦ୍‌ଘାଟନୀ ଅଧିବେଶନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୃଙ୍ଖଳିତ ହୋଇ ନିଜର ଉଚ୍ଚକୋଟୀର ପ୍ରଦର୍ଶନ ଦେବାକୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଉଚ୍ଚଶିକ୍ଷା ସଂସ୍ଥାମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିର ବିକାଶରେ ଏପରି ପ୍ରତିଯୋଗିତାର ଭୂମିକାକୁ ସ୍ୱାଗତ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ଓ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳସଚିବ (ଦାୟିତ୍ୱରତ) କରନ ସୋରେନ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ସମସ୍ତ କ୍ରୀଡବିତ୍ ଓ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଶପଥ ଗ୍ରହଣ କରାଯାଇଥିଲା। ସହାୟକ ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା


ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପିଙ୍କ ସହ କୁଳପତି ଓ ଅତିଥି।

# ପ୍ରଦୂଷଣ ବଢ଼ାଉଛି ଇଟାଭାଟି

କାଳିପଦା, ୨୩।୨(ରାଜଶ୍ରୀ ପାଣିଗ୍ରାହୀ)

ପ୍ରଦୂଷଣରେ ବାଲେଶ୍ୱର ଜିଲା ରେକର୍ଡ ସୃଷ୍ଟି କରିଛି। ଏହାକୁ ରୋକିବା ପାଇଁ ସରକାର ଯାନବାହନ ଚଳାଚଳରେ ଅଙ୍କୁଶ ଲଗାଇବା ପାଇଁ ଚେଷ୍ଟା କରୁଥିବା ବେଳେ ବେଆଇନ ଇଟାଭାଟି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜନବସତି ହେଉ କି ରାସ୍ତାକଡ ଇଟାଭାଟି ମାଲିକମାନେ ନିୟମ ମାନୁନାହାନ୍ତି। ବାଲିଆପାଳ ତହସିଲ ଅଧୀନରେ ଥିବା ପାଲିଆ ଛକଠାରୁ ସୁବର୍ଣ୍ଣରେଖା ସେତୁ ମଧ ଦେଇଯାଇଥିବା ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ବାଲିଆପାଳରୁ ଜଳେଶ୍ୱର, ଚନ୍ଦନେଶ୍ୱର, ଦୀର୍ଘା, କର୍ମଦା, ପଶ୍ଚିମବଙ୍ଗ ଆଦିକୁ ଯିବାଆସିବା କରୁଛନ୍ତି। ଉକ୍ତ ରାସ୍ତାର ଗୁନାପୁର ଛକ ନିକଟରେ ରାସ୍ତାର ଦୁଇ ପାର୍ଶ୍ୱରେ ଦୁଇଟି ଚିମିନି ଭାଟି ଗଢିଉଠିଛି। ଜନସାଧାରଣଙ୍କ ଅଭିଯୋଗ ପରେ ୨ବର୍ଷ ହେବ ଗୋଟିଏ ଭାଟି ବନ୍ଦ ହୋଇଯାଇଥିବା ବେଳେ ଆଉ ଗୋଟିଏ ଭାଟି ବନ୍ଦ କରାଯିବାକୁ ସାଧାରଣରେ ଦାବି ହୋଇଛି। ରାସ୍ତାର ମାତ୍ର ୨୦ ଫୁଟ ଦୂରରେ ଏହି ଭାଟି ଥିବାରୁ ଏଥିରୁ ବାହାରୁଥିବା ଧୂଆଁରେ ରାସ୍ତାରେ ଯାଉଥିବା ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏହାବ୍ୟତୀତ ପୋଡା ପାଉଁଶ, କୋଇଲା ଗୁଣ୍ଡ, ଧୂଳିରେ ଆଚ୍ଛାଦିତ ହୋଇ ପାଖାପାଖି ଅଞ୍ଚଳରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ପ୍ରଦୂଷଣ ମାର୍ଗଦର୍ଶିକାକୁ ଫୁ କରି ମାଲିକମାନେ ବେଧଡ଼କ ବେପାର ଜମାଇଛନ୍ତି। ଖଣି ବିଭାଗ ଓ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସି ପ୍ରମାଣପତ୍ର ନ ନେଇ ଖୁଲମଖୁଲା ବେପାର ଚଳାଇ ଆସିଛନ୍ତି। ଫଳରେ ଅଞ୍ଚଳବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରଶାସନ ଜାଣି ନ ଜାଣିଲା ଭଳି ଚୁପ୍ ରହୁଛି। ଫଳରେ ଚୋରା ମାଟି ଓ ଚୋରା କୋଇଲା ବେପାରୀ ମଧ ସକ୍ରିୟ ରହୁଛନ୍ତି। ତୁରନ୍ତ ପ୍ରଶାସନ ରାସ୍ତା କଡ଼ରେ ଥିବା ଇଟାଭାଟି ଭାଙ୍ଗି ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ଦିଗରେ ଚେଷ୍ଟା କରିବାକୁ ଶରତ ମହାନ୍ତି, ରଘୁନାଥ ଗଙ୍ଗେଇ, ତପନ କୁମାର ରାଉଳ, ପ୍ରମୋଦ ମଲ୍ଲିକ, ରାଜେଶ ଜେନା, ଶଶଧର ଦାସ ପ୍ରମୁଖ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସାରାଣୀ ନାୟକଙ୍କୁ ପଚାରିବାରୁ ଉପଜିଲାପାଳଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି, କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।



## ଲୁଗା କିଣିବାକୁ ଯାଇ ମହିଳା ନିଖୋଜ

ବୈଶିଙ୍ଗା, ୨୩।୨ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାରକୁ ଲୁଗା କିଣିବାକୁ ଆସି ବାଲେଶ୍ୱର ଜିଲା ରୂପ୍‌ସା ଅଞ୍ଚଳର ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ବୈଶିଙ୍ଗା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରୂପ୍‌ସା ଥାନା ଅଧୀନ ଜାମୁନିଆ ଗ୍ରାମର ଚତୁର୍ଭୁଜ ବିଶ୍ୱାଳଙ୍କ ବିବାହିତା ଝିଅ ହେମାଙ୍ଗିନୀ ନିଜ କାକାଙ୍କ ସହିତ ଶନିବାର ସନ୍ଧ୍ୟା ସମୟରେ ବୈଶିଙ୍ଗା ବଜାରକୁ ଲୁଗା କିଣିବାକୁ ଆସିଥିଲେ। ଲୁଗା ଦୋକାନରେ ହେମାଙ୍ଗିନୀଙ୍କୁ ଛାଡ଼ି ତାଙ୍କ କାକା ସ୍ଥାନୀୟ ଏକ ଫାଷ୍ଟଫୁଡ୍ ଦୋକାନକୁ ଯାଇଥିଲେ। ସେଠାରୁ ଫେରି ଆସି ଝିଆରୀକୁ ଲୁଗା ଦୋକାନରେ ଆଉ ପାଇ ନ ଥିଲେ। ଏଣେତେଣେ ଖୋଜି ନ ପାଇବାରୁ ଘରକୁ ଖବର ଦେଇଥିଲେ। ରବିବାର ହେମାଙ୍ଗିନୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# 'ଜାମପାଣି ବନ୍ଧକୁ ଡ୍ୟାମ୍‌ରେ ପରିଣତ କରାଯାଉ'




ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଉଦଳା, ୨୩।୨ (ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ୍ ପାଟଶାଣୀପୁର ପଞ୍ଚାୟତର ଚାଷୀମାନଙ୍କ ସମସ୍ୟାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅମ୍ବିକାଦେଇପୁର, ପାଟଶାଣୀପୁର, ଆଦିପୁର, ଖଲାଡି ଗ୍ରାମର ବାସିନ୍ଦାମାନେ ଉଦଳାଠାରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତରେ ଥିବା ଜାମପାଣି ବନ୍ଧ, ଯାହାକି ଏବେ ଭାଙ୍ଗିବାକୁ ବସିଲାଣି। ଏହି ବନ୍ଧରେ ବର୍ଷା ପାଣି ସଂରକ୍ଷିତ ହୋଇ ରହିବା ସହିତ ଚାଷୀମାନଙ୍କ ଜମିକୁ ମାଡ଼ିଥାଏ। ଯାହାଫଳରେ ଚାଷୀମାନେ ଚାଷ କାମ କରିପାରିଥାନ୍ତି। ହେଲେ ଏହି ବନ୍ଧ ଏବେ ଭଗ୍ନ ଅବସ୍ଥାକୁ ଆସିବାରୁ ଚାଷୀମାନେ ଚାଷ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବନ୍ଧର ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କେହି ନ ଶୁଣିବାରୁ ଶେଷରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇଛନ୍ତି ଗ୍ରାମବାସୀ। ଏହା ସହିତ ବନ୍ଧକୁ ଏକ ମିନି ଡ୍ୟାମରେ ପରିବର୍ତ୍ତନ କରିଲେ ଏହା ଉପରେ ନିର୍ଭର କରୁଥିବା ୮ରୁ ୯ ଖଣ୍ଡ ଗ୍ରାମର ଶତାଧିକ ଚାଷୀଙ୍କ ଜମିକୁ ପାଣି ସହଜରେ ମାଡିପାରନ୍ତା ଏବଂ ଚାଷୀମାନେ ଚାଷ କରି ପରିବାର ପ୍ରତିପୋଷଣ କରିପାରନ୍ତେ ବୋଲି ଦାବିପତ୍ରରେ ଜଣାଇଛନ୍ତି। ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ ଜାଗାତ ସିଂ, ସୌମ୍ୟରଞ୍ଜନ ବେଶ୍ରା, କାନ୍ଦରା ହାଁସଦା, ରଘୁନାଥ ମୁର୍ମୁ, ସଂଗ୍ରାମ ହାଁସଦା, ରାମେଶ୍ୱର ସୋରେନ, ଗୋପୀନାଥ କିସ୍କୁ, ରାଜେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଝାରପୋଖରିଆ, ୨୩।୨ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ କଟିଶୋଳ ଗ୍ରାମର ଜଣେ ମହିଳାଙ୍କର ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ମହିଳା ଜଣଙ୍କ ହେଲେ ବିନି ମୁଣ୍ଡା(୩୫)। ସେ ୧୫ ବର୍ଷ ପୂର୍ବେ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ଲଧନବଣୀ ଗ୍ରାମର ତପନ ମୁଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ଦୁହେଁ ସୁଖମୟ ଦାମ୍ପତ୍ୟ ଜୀବନ ଅତିବାହିତ କରିବାପରେ ମଝିରେ ମଝିରେ ସ୍ୱାମୀ ତପନ ନିଶାଶକ୍ତ ହୋଇ ବିନିଙ୍କ ସହିତ ଝଗଡ଼ା କରୁଥିଲେ। ଗତ ୨୦ ତାରିଖ ବିଳମ୍ବିତ ରାତିରେ ତପନ ନିଶାସକ୍ତ ଅବସ୍ଥାରେ ବିନିଙ୍କୁ ମାରପିଟ କରିଥିଲେ। ଏଥିରେ ଅତିଷ୍ଠ ହୋଇ ରବିବାର ବିନି ବାପଘର କଟିଶୋଳକୁ ନିଜ ଦୁଇ ସନ୍ତାନଙ୍କୁ ଧରି ପଳାଇ ଆସିଥିଲେ। ଝାରପୋଖରିଆଠାରେ ଗାଡ଼ିରୁ ଓହ୍ଲାଇବା ପରେ ବିନି ରକ୍ତ ବାନ୍ତି କରିଥିଲେ। ଏନେଇ ତାଙ୍କ ନାବାଳକ ପୁଅ ଝାରପୋଖରିଆ ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ବିନିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସଂକ୍ରାନ୍ତରେ ରବିବାର ଝାରପୋଖରିଆ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଚନ୍ଦ୍ରକାନ୍ତ ମହାନ୍ତି କହିଛନ୍ତି।

## ସୈନିକ ସ୍କୁଲର ବାର୍ଷିକୋତ୍ସବ

ଝାରପୋଖରିଆ, ୨୩।୨ (ସୁଧୀର କୁମାର ମହାନ୍ତ)

ଝାରପୋଖରିଆସ୍ଥିତ ଓଡ଼ିଶା ବ୍ରିଗ୍ରେଡ୍ ସୈନିକ ସ୍କୁଲର ୧୨ତମ ବାର୍ଷିକ ଉତ୍ସବ 'ବ୍ରିଗ୍ରେଡ ମହୋତ୍ସବ' ଜାଲଦା ପଞ୍ଚାୟତ ବଣ ବୁଡ଼ାମରା ଗ୍ରାମ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷା ମିତାଞ୍ଜଳି ସାସମଲଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉତ୍ସବରେ ମୁଖ୍ୟଅତିଥି ଭାବେ କର୍ଣ୍ଣାଟକ ରାଜ୍ୟ ଶ୍ରୀ ସତ୍ୟସାଇ ସେବା ସଂଗଠନର ପୂର୍ବତନ ଆଧାତ୍ମିକ ସଂଯୋଜକ ଡ. ଆଦର୍ଶ ଏନ ପଡ଼ିଆର, ମୁଖ୍ୟବକ୍ତା ଭାବେ ମ୍ୟାନେଜିଂ ଟ୍ରଷ୍ଟିର ଟ୍ରଷ୍ଟର ହୃଷୀକେଶ ଜେନା, ସମ୍ମାନୀତ ଅତିଥିଭାବେ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡ଼ିଶାର ଭଜନ ପ୍ରଶିକ୍ଷକ କଳ୍ପନା ମହାନ୍ତି, ବିଦ୍ୟାଳୟ ପରିଚାଳନା ଟ୍ରଷ୍ଟିର ସଭାପତି ବସନ୍ତ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷା ସାସମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପାଧ୍ୟକ୍ଷା ତୃପ୍ତି ଷଡ଼ଙ୍ଗୀ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଏକ ବିଦ୍ୟାମନ୍ଦିର, ଏଥିରେ ଅଧ୍ୟୟନରତ ଛାତ୍ର ଜଣେଜଣେ ମନ୍ଦିରର ଦେବତା ବୋଲି ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସ୍କୁଲର ବାର୍ଷିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ରାଜୀବ କୁମାର ମଲ୍ଲ ମଞ୍ଚ ପରିଚାଳନା କରିଥିବାବେଳେ ସ୍କୁଲର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୧୧୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଜନ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ଉଦଳା, ୨୩।୨ (ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୧୦ ଅଭିଯୋଗର ଶୁଣାଣି କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ସମୟରେ କପ୍ତିପଦା ଉପଖଣ୍ଡ ଉପ ଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମୀନକେତନ ମହାନ୍ତି ଯୋଗ ଦେଇଥିଲେ। ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୮୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବାସ୍ଥଳେ ୨୧ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୨୧ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୭ ଜଣଙ୍କୁ ୧ ଲକ୍ଷ ୨୫ହଜାର, ରେଡକ୍ରସ ପାଣ୍ଠିରୁ ୪ଜଣଙ୍କୁ ୫୫ ହଜାର ଟଙ୍କା ମିଶାଇ ମୋଟ ୧ଲକ୍ଷ ୮୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି

ବାରିପଦା, ୨୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ। ନିଜ ଅଭିଭାଷଣରେ ପ୍ରଫେସର ଶତପଥୀ ମହାରାଜାଙ୍କ ଓଡ଼ିଶା ତଥା ମୟୂରଭଞ୍ଜ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣରେ ମହାରାଜାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କୁଳସଚିବ ସୁମିତା ସିଂ ନିଜ ବକ୍ତବ୍ୟରେ ପ୍ରଜାବତ୍ସଳ ମହାରାଜାଙ୍କ ଅତୁଳନୀୟ ଅବଦାନ ପାଇଁ ଓଡ଼ିଶାବାସୀ ଚିର ଋଣୀ ରହିବେ ବୋଲି ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ପ୍ରଫେସର ପୁଷ୍ପାଞ୍ଜଳି ପରି ସମେତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ସେହିପରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶ୍ରାଦ୍ଧ ବାର୍ଷିକୀ ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ବାରିପଦା ମଧୁବନସ୍ଥିତ ମହାରାଜାଙ୍କ ସମାଧିପୀଠରେ ପାଳିତ ହୋଇଯାଇଛି। ମଞ୍ଚର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖବରଦାତା ଡ. ବିଜୟ କୁମାର ଅଗ୍ରୱାଲା, ଉଦୟ ନାଥ ଜେନା, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ପୀତାମ୍ବର ମଲ୍ଲିକ, ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ସୟେଦ ସିରାଜୁଦ୍ଦିନ, ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ମହାରାଜାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର

ଗୋପବନ୍ଧୁ ନଗର, ୨୩।୨ (ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜର ବାଳିକା ଆତ୍ମରକ୍ଷା ତାଲିମ ଶିବିରକୁ ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଉଦ୍‌ଘାଟନ କରିଛନ୍ତି। ଏହି ୧୦ ଦିନିଆ ଶିବିରରେ ମୋଟ ୬୭ ଜଣ ଛାତ୍ରୀ ତାଲିମ ନେଉଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ବେହେରା, ଯୋଜନା ଅଧିକାରୀ ତଥା ନୋଡାଲ ଅଫିସର ଅଧାପିକା ମାମୁନୀ ବେରା, ଅଧାପିକା ଜ୍ୟୋତିରୂପା ମହାପାତ୍ର, ଟ୍ରେନର ମିନତୀ ପଲତା ପ୍ରମୁଖ ଅଂଶଗ୍ରହଣ କରି ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କଲେଜର ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ବୈଶିଙ୍ଗା, ୨୩।୨ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ. ଜାତୀୟ ରାଜପଥର ଗଡ଼ଦେଉଳିଆ ନିକଟରେ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ ଛିଣ୍ଡାଇ ନେଇଛନ୍ତି। ସୂଚନା ଅନଯାୟୀ, ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ସୁମନ୍ତ କୁମାର ଚୌଧୁରୀ ସ୍ତ୍ରୀଙ୍କ ସହ ତାଙ୍କ ପୁତୁରା ବିଭାଘର କାର୍ଯ୍ୟରେ ଯୋଗଦେବା ପାଇଁ ରବିବାର ବାଲେଶ୍ୱର ଯାଇଥିଲେ। ସକାଳେ ନିଜ ଗ୍ରାମକୁ ଫେରୁଥିବା ବେଳେ ଗଡ଼ଦେଉଳିଆ ନିକଟରେ ହଠାତ ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ସ୍ତ୍ରୀଙ୍କ ବେକରୁ ୩୦ ଗ୍ରାମ ଓଜନର ସୁନା ହାର ଝାମ୍ପି ନେଇ ଦୃତ ଗତିରେ ବାଲେଶ୍ୱର ରାସ୍ତାରେ ପଳାଇଥିଲେ ବୋଲି ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ହେଁ ରାତି ଆଠଟା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବାବଦରେ କୌଣସି ସୂଚନା ମିଳିପାରି ନାହିଁ। ଏହି ଥାନା ଅଞ୍ଚଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବା ସତ୍ତ୍ୱେ ପୋଲିସର ପାରିବା ପଣିଆକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ସନ୍ଦେହ ପ୍ରକାଶ କରିଛନ୍ତି।

# ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

- ମୟୂରଭଞ୍ଜରେ ସାଇବର୍ ଠକେଇ ଜାଲ ଭାଙ୍ଗିଲା ପୋଲିସ
- ଜିଲାରେ ସଚଳ ୧୮୦୦ରୁ ଅଧିକ ମ୍ୟୁଲ ଆକାଉଣ୍ଟ

ବାରିପଦା, ୨୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଏକ ବଡ଼ ଧରଣର ସାଇବର୍ ଅପରାଧ ଓ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ର୍‌ୟାକେଟକୁ ବାରିପଦା ସାଇବର ପୋଲିସ ଠାବ କରିଛି। ଅପରେଶନ ସାଇବର୍ କବଚ' ଅଭିଯାନରେ ବାରିପଦା ସହରର ତକତପୁରରେ ଥିବା ଏକ ହୋଟେଲକୁ ଏହି ଠକେଇ ଜାଲର କଣ୍ଟ୍ରୋଲ ସେଣ୍ଟର୍ ଭାବେ ବ୍ୟବହାର କରାଯାଇଥିବା ଜଣାପଡ଼ିଛି। ଘଟଣାରେ ୨ ମୁଖ୍ୟ ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ହୋଟେଲ ମାଲିକ ଗଣେଶ ସିଂହ ଶେଖାୱତ ଓ ୟୁଟ୍ୟୁବର ଶୁଭମ ଭୁଜବଳ। ଏହି ର୍‌ୟାକେଟ ମାଧ୍ୟମରେ ୧୮୦୦ରୁ ଅଧିକ ମ୍ୟୁଲ ଆକାଉଣ୍ଟ ବ୍ୟବହାର କରି ପ୍ରାୟ ୫୦ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ଅନୁମାନ କରାଯାଇଛି। ସୂଚନାଯୋଗ୍ୟ, ଏକ ହୋଟେଲରୁ ୧୮୦୦ରୁ ଅଧିକ ମ୍ୟୁଲ ଆକାଉଣ୍ଟ ନିୟନ୍ତ୍ରଣ କରାଯାଉଥିଲା। ଟେକ୍ନିକାଲ ଅପରେଟର ଭବେ ଶୁଭମ ସାଇବର୍ ଠକମାନଙ୍କ ସହ ଯୋଗାଯୋଗ ରଖି ଟଙ୍କା ପ୍ରବାହର ନିର୍ଦ୍ଦେଶ ଦେଉଥିଲେ। ବାରିପଦାରେ ରହିଥିବା ସାଇବର୍ କ୍ରାଇମ ଓ ଇକୋନୋମିକ ଅଫେନ୍ସେସ (ସିସି ଆଣ୍ଡ ଇଓ) ପୋଲିସ ଷ୍ଟେଶନରେ ୨୦୨୫ ନଭେମ୍ବର ୨୮ରେ ଏକ ମାମଲା ରୁଜୁ ହୋଇଥିଲା। ବହୁ ଖୋଳତାଡ଼ ପରେ ସୋମବାର ଅଭିଯୁକ୍ତମାନଙ୍କୁ ଗିରଫ ସହି କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ସ୍ଥାନୀୟ ମ୍ୟୁଲ ଏଜେଣ୍ଟ ମଧ୍ୟ ଗିରଫ ହୋଇଥିଲେ। ବାରିପଦାର ସତ୍ୟଜିତ ଧୀରଙ୍କ ନାମରେ ୪ଟି ଅଭିଯୋଗ, ଉଦଳାର ବିକାଶ ବେହେରାଙ୍କ ନାମରେ ୧୨ଟି ଅଭିଯୋଗ, ବେଶିଙ୍ଗାର ନିରୋଦ ବେହେରାଙ୍କ ନାମରେ ୭ଟି ଓ ଅଜୟ କୁମାର ଜାତିଙ୍କ ନାମରେ ୧୪ଟି ଅଭିଯୋଗ ରହିଥିଲା। ଏହି ଏଜେଣ୍ଟମାନେ ବାରିପଦା, ଉଦଳା, ବୈଶିଙ୍ଗା, ଠାକୁରମୁଣ୍ଡା ଆଦି ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ତେବେ ଗରିବ ଓ ଅଶିକ୍ଷିତ ଯୁବକମାନଙ୍କୁ ପ୍ରତି ଆକାଉଣ୍ଟ ପାଇଁ ୨ ହଜାରରୁ ୫ ହଜାର ଟଙ୍କା କମିଶନ ଦେବା ଲୋଭ ଦେଖାଇ ଆକାଉଣ୍ଟ ଖୋଲାଯାଉଥିଲା। ଦିଲ୍ଲୀ, ରାଜସ୍ଥାନ, ବିହାର ଆଦି ରାଜ୍ୟରୁ ଠକମାନେ ଡିଜିଟାଲ ଆରେଷ୍ଟ, କେୱାଇସି ଅପଡେଟ, ସେକ୍ସଟର୍ସନ, ଲଟେରୀ ସ୍କାମ କରି ଟଙ୍କା ଏହି ଆକାଉଣ୍ଟରେ ଜମା କରାଉଥିଲେ। ତାକତପୁର ହୋଟେଲରୁ ନିର୍ଦ୍ଦେଶ ଆସିବା ପରେ ଟଙ୍କା ଉଠାଣ କରି ମାଷ୍ଟରମାଇଣ୍ଡଙ୍କ ପାଖକୁ ପଠାଯାଉଥିଲା।

### ରାଜ୍ୟସ୍ତରୀୟ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ

## ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା, ୨୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ ନିମନ୍ତେ ମୟୂରଭଞ୍ଜର ୨୦ ଜଣିଆ ଦଳ ଘୋଷିତ ହୋଇଯାଇଛି। ଏଥିରେ ଅଧିନାୟକ ଅଭିଜ୍ଞାନ ମହାନ୍ତି, ଉପ ଅଧିନାୟକ ଦିବ୍ୟ ରଞ୍ଜନ ଦାସଙ୍କ ସମେତ ଶୁଭମ ନାଏକ, ସୌମ୍ୟ ରଞ୍ଜନ ମହାନ୍ତ, ମନୁ ରାମ, ରୋହନ ସାହୁ, ପ୍ରୀତପାଲ ସିଂହ, ମେରୀ ଲୋକନାଥ, ପ୍ରୀତମ ପଣ୍ଡା, ଅଭିଜିତ ଘଣା, ପୂରବ ନନ୍ଦ, ଜୟ କୁମାର, ମୋହିତ କନକ୍ରିୟା, ସୁବ୍ରତ କୁମାର ସିଂ, ଶ୍ରୀମନ୍ତ ସାହୁ, ଆୟୁଷ ଗିରି, ଭୈଷ୍ଣୟ ବିନାୟକ ଦାସ, ଅବିନାଶ ଖଣ୍ଡେଲୱାଲ, ଶୁଭ୍ରରଞ୍ଜନ ପତି ଓ ଏମ ବାଲକ୍ରିଷ୍ଣନ ସାମିଲ ହୋଇଥିବା କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ପୂର୍ବତନ କ୍ରିକେଟ ଖେଳାଳି ପ୍ରଭାସ ଚନ୍ଦ୍ର ଘଡେଇ, ସୋମନାଥ ସିଂହ ଓ ସୁଶାନ୍ତ ମହାନ୍ତି ଦଳ ଚୟନରେ ସହଯୋଗ କରିଥିଲେ। ଦଳ ସହିତ ମ୍ୟାନେଜର ସୁଶାନ୍ତ ମହାନ୍ତି ଓ କୋଚ୍ ସାଇବା ସିଂହ ଗସ୍ତ କରିବେ ବୋଲି ଅନ୍ୟତମ କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ ଓ ସମସ୍ତ କାଉନସିଲ ସଦସ୍ୟ ଦଳର ସଫଳତା କାମନା କରିଛନ୍ତି। ୨୫ ତାରିଖରେ ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚ ଅନୁଗୁଳ ସହ ଖେଳିବ।



ମୟୂରଭଞ୍ଜ ଦଳରେ ସାମିଲ ହୋଇଥିବା ଖେଳାଳିମାନେ।

## ନାବାଳିକା ଅନ୍ତଃସତ୍ତ୍ୱା

ବାଙ୍ଗିରିପୋଷି, ୨୩।୨ (ସଞ୍ଜୟ ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ନାବାଳିକା ୭ ମାସର ଅନ୍ତଃସତ୍ତ୍ୱା ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକ ବାଲେଶ୍ୱରରେ ରହି ଏକ ଚିନାମାଟି ଫ୍ୟାକ୍ଟ୍ରିରେ କାମ କରୁଥିବା ବେଳେ ବର୍ଷକ ତଳେ ଗାଁକୁ ଆସିଥିଲେ। ତେବେ ଘରେ ରହିବା ମଧ୍ୟରେ ସେହି ଗାଁର ୪ ଜଣ ଯୁବକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ନାବାଳିକାଙ୍କ ବାପା ମୃତ୍ୟୁ ବରଣ କରିଛନ୍ତି। ତେବେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିବା ପରେ ତାଙ୍କ ଭିଣୋଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଯୁବକଙ୍କ ମୃତଦେହ ଜବତ

ରାଇରଙ୍ଗପୁର, ୨୩।୨ (ମାନସ ମହାନ୍ତି)

ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ କଣ୍ଟାଣି ଗ୍ରାମ ନିକଟସ୍ଥ ସଂରକ୍ଷିତ ଘଞ୍ଚ ଜଙ୍ଗଲରୁ ସୋମବାର ପୋଲିସ ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ରାଇରଙ୍ଗପୁର ଅତିରିକ୍ତ ତହସିଲଦାର ଆକାଶ ସିହ୍ନାଙ୍କ ଉପସ୍ଥିତିରେ ମୃତଦେହ ଜବତ ହୋଇଛି।

## ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର

ବାରିପଦା, ୨୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସଂହତି ଶିବିର ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ଏବଂ ଏନ୍‌ଏସ୍‌ଏସ୍ ରିଜିଓନାଲ ଡିରେକ୍ଟୋରେଟ ଭୁବନେଶ୍ୱର ଦ୍ୱାରା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଶିବିରର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ ଯୋଗଦେଇ ଏହି ଶିବିର ଭାରତର ବିବିଧତା ମଧ୍ୟରେ ଏକତାର ସନ୍ଦେଶ ଦେଇଛି ଏବଂ ଯୁବତୀ ଯୁବକମାନେ ଦେଶର ଏକତା ଓ ସମୃଦ୍ଧି ପାଇଁ ସକ୍ରିୟ ଭୂମିକା ନେବେ ଓ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟକୁ ପୂରଣ କରିବାରେ ସହାୟକ ହେବେ ବୋଲି କହିଥିଲେ। କୁଳପତି ପ୍ରଫେସର ଶତପଥୀ ନିଜ ବକ୍ତବ୍ୟରେ ଏଭଳି ଏକ ଜାତୀୟ ସ୍ତରର ଶିବିର ଆୟୋଜନ କରିବା ପାଇଁ ବିଶ୍ୱବିଦ୍ୟାଳୟକୁ ବାଛିଥିବାରୁ ସେ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଓ ଏହାର ସଫଳ ରୂପାୟନ ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧ ବୋଲି କହିଥିଲେ।

ମୁଖ୍ୟ ବକ୍ତା ଭାବେ ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏହି ଶିବିର ଯୁବତୀ ଯୁବକମାନଙ୍କୁ ଭାରତର ସାଂସ୍କୃତିକ ବିବିଧତାର ସୌନ୍ଦର୍ଯ୍ୟ ଦେଖାଇବ ଏବଂ ମୟୂରଭଞ୍ଜର ଐତିହ୍ୟ ଓ ପରମ୍ପରାକୁ ସମଗ୍ର ଦେଶରେ ପ୍ରଚାର କରିବାରେ ସହାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ବିଜେତା ଚରଣ ହେମ୍ବ୍ରମ ସାନ୍ତାଳୀ ଭାଷାରେ ନିଜର ବକ୍ତବ୍ୟ ଦେଇ ସମସ୍ତଙ୍କୁ ଆକର୍ଷିତ କରିବା ସହ ଦେଶମାତୃକାରେ ସେବାରେ ବ୍ରତୀ ହେବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଉପସଚିବ ଡ.ରମେଶ ଚନ୍ଦ୍ର ବେହେରା ଓ ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାସ ଉପସ୍ଥିତ ଥିଲେ।

ଏନଏସଏସ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଜିଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧାପିକା ଡ. କୁକୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଶିବିରର ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲନାଡୁ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଆଦି ୧୫ଟି ରାଜ୍ୟରୁ ୨୧୧ ଜଣ ଏନଏସଏସ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ସହ ମୟୂରଭଞ୍ଜର ୩୯୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ମୀନାରାୟଣ ମନ୍ଦିର ବାର୍ଷିକ ଉତ୍ସବ

ଭଦ୍ରକ, ୨୩।୨(ରବିନାରାୟଣ ଖିଲାର): କୁଆଁସସ୍ଥିତ କଦମ୍ବବେଡା ହରିହାଟ ପ୍ରାଙ୍ଗଣରେ ରବିବାର ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭକ୍ତ ଯୋଗଦେଇ ନିଜର ମାନସିକ ପାଳନ ନେଇ ପୂଜାର୍ଚ୍ଚନା କରିଥିଲେ। କମିଟି ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପଣ୍ଡିତ ସନ୍ତୋଷ ମିଶ୍ର, ସାମାଜିକକର୍ମୀ ରଘୁନାଥ ପଣ୍ଡା, ବିକାଶ ଶ୍ରେଷ୍ଠା, ଜଗା ଚାକର ସଂଘ ପୁରୀର ଜିଲା ସଂଯୋଜିକା ସୁପ୍ରଭା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କମିଟି ଉପସଭାପତି ଚିଦାନନ୍ଦ ବାରିକ, କୋଷାଧ୍ୟକ୍ଷ ଅନନ୍ତ ବାରିକ, ଭୀମଚରଣ ମାହଲ, ଜୟଚନ୍ଦ୍ର ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ।

### ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା

ଭଣ୍ଡାରିପୋଖରୀ, ୨୩।୨(ରାଜେନ୍ଦ୍ର ଶତପଥୀ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ନପଙ୍ଗ ପଞ୍ଚାୟତ ପାଲା ପଡ଼ିଆଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ଦିଆଯାଇ ବିଗ୍ରହଙ୍କୁ ମନ୍ଦିର ମଧ୍ୟରେ ପ୍ରତିଷ୍ଠା କରାଯାଇଛି। ହରିହର ମିଶ୍ର, ନାରାୟଣ ମିଶ୍ର ଓ ଜୁଲୁ ମିଶ୍ରଙ୍କ ତତ୍ତ୍ୱବଧାନରେ ମୁଖ୍ୟ କର୍ତ୍ତାଭାବେ ଜ୍ୟୋତ୍ସ୍ନାରାଣୀ ନାୟକ, ଉଦୟ ନାୟକ ନିକଟସ୍ଥ ବୈତରଣୀ ନଦୀରୁ ଘଟ ଉତ୍ତଳନ କରି ବିଗ୍ରହଙ୍କୁ ଜଳାଭିଷେକ କରିଥିଲେ। ପାଲା କମିଟି ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ରସାନନ୍ଦ ନାୟକ, ଗୋବିନ୍ଦ ରାଉତ, ଦାଶରଥି ରାଉତ, କୃପାସିନ୍ଧୁ ସାମଲ, ରବୀନ୍ଦ୍ର ମହାପାତ୍ର, ପ୍ରସନ୍ନ ନାୟକ, ବିଜୟ ଯେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ଗାଡ଼ି ଡାଲାକୁ ପିଟିଲା କାର୍: ୪ ପର୍ଯ୍ୟଟକ ଆହତ

ଗୋପ,୨୩।୨(ଭାରତୀ ଭୂଷଣ ଉପାଧ୍ୟାୟ): କୋଣାର୍କ- ଗୋପ ରାସ୍ତାର ବେଗୁନିଆ ଛକ ନିକଟରେ ସୋମବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତା ପାର୍ଶ୍ୱସ୍ଥ ଭଙ୍ଗା ଗାଡ଼ି ଡାଲାକୁ ଏହି କାର୍‌ଟି ଧକ୍କା ଦେବାରୁ ୪ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ସେମାନେ ହେଲେ ଭଦ୍ରକ ଜିଲା ରାଣୀତାଲ ଅଞ୍ଚଳର ରତ୍ନାକର ସାହୁ (୮୫), ପୁରେନ୍ଦ୍ର ସାହୁ (୬୦), ତିଲୋତ୍ତମା ସାହୁ (୨୪) ଏବଂ ସୀତା ସାହୁ (୫୬)। ଗୁରୁତର ଅବସ୍ଥାରେ ରତ୍ନାକରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତେବେ ଦୁଇଶିଶୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ଗୋପ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସୂଚନା ଅନୁଯାୟୀ, ରବିବାର ରାତିରେ ରାଣୀତାଲ ଅଞ୍ଚଳର ଗୋଟିଏ ପରିବାର ଏକ କାର୍ (ନଂ. ଓଡି-୨୨ ଏସି ୮୧୨୩) ଯୋଗେ ପୁରୀ ଓ କୋଣାର୍କ ବୁଲି ଆସିଥିଲେ। ସେମାନେ ସୋମବାର ଭୋର ସମୟରେ ଫେରୁଥିବାବେଳେ ପ୍ରବଳ କୁହୁଡ଼ି ଯୋଗୁ ଗାଡ଼ିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଏହି ରାସ୍ତା କଡ଼ର ଅନେକ ସ୍ଥାନରେ ଅଚଳ ଗାଡ଼ି ଥୁଆ ହୋଇଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି।

# ୧୬୮ ଅଭିଯୋଗ ଆଗତ, ୪୨ ସମାଧାନ

## ମିଳିତ ଜନଶୁଣାଣି

ବାସୁଦେବପୁର,୨୩।୨(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ):

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍‌ର ନବନିର୍ମିତ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ସମ୍ମିଳନୀ କକ୍ଷକୁ ଜିଲାପାଳଙ୍କ ସମେତ ଅଧିକାରୀମାନେ ଫିତା କାଟି ଉଦ୍‌ଘାଟନ କରିବା ପରେ ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶିବିରରେ ମୋଟ ୧୬୮ଟି ଅଭିଯୋଗ ଆଗତ ହୋଇଥିବା ବେଳେ ୪୨ଟି ତ୍ୱରିତ ସମାଧାନ ହୋଇଥିଲା।

ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତଙ୍କ ଉପସ୍ଥିତିରେ ଧାନର ଅଭାବୀ ବିକ୍ରି ବାବଦରେ ଚାଷୀମାନେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ। ମିରିଗା ଗ୍ରାମର ଚାଷୀ ଅଜୟ ଧଳଙ୍କ ୮୭ କୁଇଣ୍ଟାଲ ଧାନ ଟୋକନ କଟିଯାଇଥିବା ଜିଲାପାଳଙ୍କୁ ଅବଗତ କରିବା ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ପୌରପାଳିକାର ପୂଜା ସେଠୀ ନାମକ ମହଳା ତାଙ୍କ ପୁଅର ଜନ୍ମ ପ୍ରମାଣପତ୍ର ତ୍ରୁଟି ଯୋଗୁ ପାଠପଢ଼ାରେ ବାଧା ଉପୁଜିଥିବା ଅଭିଯୋଗ କରିଥିଲେ। ସେହିପରି ପଡୁଆଁ ପଞ୍ଚାୟତର ପୂର୍ବତନ ପିଇଓ ଓ ସରକାରୀ ଅର୍ଥ ହଡ଼ପ କରିଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ସୁପାରିଶ କରିଛନ୍ତି। ୪୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିବା ବେଳେ ୩ ଜଣଙ୍କୁ ରେଡ୍‌କ୍ରସରୁ ୧୧ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଶୁଣାଣିରେ ସହଯୋଗ କରିଥିଲେ।



ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଏସ୍‌ପି।

# ଗୌରୀପ୍ରଭାର ତୃତୀୟ ବାର୍ଷିକ ଉତ୍ସବ

ଭଦ୍ରକ, ୨୩।୨(ସନାତନ ରାଉତ/ ରବିନାରାୟଣ ଖିଲାର):

## ଉନ୍ମୋଚନ ହେଲା ଗୌରୀପ୍ରଭାର ତୃତୀୟ ସଂଖ୍ୟା

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ କବି ପତିତପାବନ ପାଣିଙ୍କ ସମ୍ପାଦନାରେ ପ୍ରକାଶିତ ବାର୍ଷିକ ସାହିତ୍ୟ ପତ୍ରିକା 'ଗୌରୀପ୍ରଭା'ର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ତୃତୀୟ ସଂଖ୍ୟା ରବିବାର ଅପରାହ୍ନରେ ଉନ୍ମୋଚିତ ହୋଇଯାଇଛି। 'ପ୍ରେମପୃଥିବୀ'ର ପ୍ରତିଷ୍ଠାତା ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଓଡ଼ିଆ କବିତା ଅନ୍ୟ ପ୍ରାଦେଶିକ କବିତା ତୁଳନାରେ ବହୁ ଊର୍ଦ୍ଧ୍ୱରେ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଅବନୀ ପ୍ରଧାନ, କବି ଉମାକାନ୍ତ ରାଉତ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରଥମ ଅଧିବେଶନରେ ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କୁ 'ଗୌରୀପ୍ରଭା ସାରସ୍ୱତ ସମ୍ମାନ-୨୦୨୬, କବି ଇନ୍ଦିରା ଦାଶଙ୍କୁ 'ଗୌରୀପ୍ରଭା କବିତା ସମ୍ମାନ', ଗାଳ୍ପିକ ଅମରେଶ ବିଶ୍ୱାଳଙ୍କୁ 'ଗୌରୀପ୍ରଭା ଗଳ୍ପ ସମ୍ମାନ' ଏବଂ କବି ଜୟଦ୍ରଥ ସୁନାଙ୍କୁ 'ଗୌରୀପ୍ରଭା ଯୁବ ପ୍ରତିଭା ସମ୍ମାନ ସ୍ୱରୂପ ଉତ୍ତରୀୟ, ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। କବି କିଶୋର ପାଣିଗ୍ରାହୀ ସଞ୍ଚାଳନ କରିଥିବା ବେଳେ ପତ୍ରିକାର ସହସମ୍ପାଦକ କବି ସୁରଞ୍ଜନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନ, କବିତା ପାଠୋତ୍ସବରେ ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ମୀତା ପଟ୍ଟନାୟକ ଓ କବି ପ୍ରତିଭା ଖିଲାରଙ୍କ ସଂଯୋଜନାରେ ବହୁ କବି କବିତା ଆବୃତ୍ତି କରିଥିଲେ। 'ଗୌରୀପ୍ରଭା'ର ପ୍ରତିଷ୍ଠାତା ସମ୍ପାଦକ ଇଂ. ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ଗୌରୀପ୍ରଭା ପତ୍ରିକାର ତୃତୀୟ ସଂସ୍କରଣ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଭାଜପାର ଶକ୍ତିକେନ୍ଦ୍ର, ବୁଥ୍ କମିଟି ଗଠନ

## ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବାକୁ ପରାମର୍ଶ

ଧାମନଗର,୨୩।୨ (ସନ୍ତୋଷ କୁମାର ମହାପାତ୍ର):

ଭାଜପାକୁ ସୁଦୃଢ଼ କରିବା ସହ ତୃଣମୂଳସ୍ତରରେ ଦଳକୁ ମଜଭୁତ କରିବା ଉଦ୍ଦେଶ୍ୟରେ ରବିବାର ଧାମନଗର ସହରୀ ମଣ୍ଡଳ ପକ୍ଷରୁ ବୁଥ୍ କମିଟି ଓ ଶକ୍ତିକେନ୍ଦ୍ର ଗଠନ କରାଯାଇଛି। ଜୟନଗର ଖେଳ ପଡ଼ିଆଠାରେ ଏମ୍‌ପିଙ୍କ ନଗର ପ୍ରତିନିଧି ତଥା ଅଟଳବିହାରୀ ଶକ୍ତି କେନ୍ଦ୍ରର ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବୁଥ୍ କମିଟି ଓ ୫ଟି ଶକ୍ତି କେନ୍ଦ୍ର ଗଠନ ହୋଇଥିଲା। ବିଭିନ୍ନ ଶକ୍ତି କେନ୍ଦ୍ରରେ କର୍ମକର୍ତ୍ତା ନିଯୁକ୍ତି ଦିଆଯାଇଛି। ସେହିପରି ୧୭ଟି ବୁଥ୍ କମିଟିର ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ସମେତ ପ୍ରଭାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି, ମୁଖ୍ୟ ବକ୍ତା ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ମହାନ୍ତି, ଅନ୍ୟତମ ବକ୍ତା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ଚନ୍ଦ୍ର ମହାପାତ୍ର, କୈଳାସଚନ୍ଦ୍ର ଗୁପ୍ତା, ନାରାୟଣ ରାଉତ, ବିଜୟ ରାମ, କାଉନ୍‌ସିଲର ଉତ୍ତମ ମହାନ୍ତି ଓ ସ୍ୱାଧୀନ ସମ୍ବିତ ଦାଶ, କୃଷ୍ଣଚନ୍ଦ୍ର ଜେନା, କବିତା ରାୟ, ସ୍ୱପ୍ନା ବେହୁରିଆ, ଶାନ୍ତିଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ନେତୃମଣ୍ଡଳୀ ଓ କର୍ମକର୍ତ୍ତା।

## ହରଗୌରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଣ୍ଡାରୀପୋଖରୀ,୨୩।୨ (ରାଜେନ୍ଦ୍ର ଶତପଥୀ):

ଭଣ୍ଡାରିପୋଖରୀ ବ୍ଲକ୍ ନପଙ୍ଗ ପଞ୍ଚାୟତ ବାଙ୍କମୁହାଁଠାରେ ହରଗୌରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ସୋମବାର ସମାପନ ହୋଇଯାଇଛି। ବୈତରଣୀ ନଦୀରୁ ଘଟୋତ୍ତଳନ ପରେ ଅନେକ ଶହ ମହିଳା ଓ ପୁରୁଷଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପରେ ପୀଠରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ରୁଦ୍ର ମଙ୍ଗଳ ପୂଜା, ଷୋଡ଼ଶ ଉପଚାର ପୂଜା ସହିତ ହରଗୌରୀଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ମୁଖ୍ୟ ପୂଜକ ନିମାଇଁ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଂକଳ୍ପ କର୍ତ୍ତାଭାବେ ଦିଲ୍ଲୀପ ଧଳ ଓ ରାଜଶ୍ରୀ ଧଳ ଦାୟିତ୍ୱ ନିର୍ବାହ କରିଥିବା ବେଳେ ୨ ଦିନ ଧରି ଚାଲିଥିବା ଉତ୍ସବକୁ ପ୍ରଦୀପ ଧଳ, ରଞ୍ଜିତ ଧଳ, ବିରେନ୍ଦ୍ର ଧଳ, ମନୋରଞ୍ଜନ ରାୟ, ବାଉରୀ ବନ୍ଧୁ ଜେନା, ଦୁଃଶାସନ ଧଳଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ଧୂଷୁରୀ,୨୩।୨(ଦୀପ୍ତି ରଞ୍ଜନ ନାୟକ):

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍‌ର ସୁନ୍ଦରପୁର ପଞ୍ଚାୟତସ୍ଥିତ କୁଲେଇପଦା ମା' ଖରାଖାଇ ଯୁବପରିଷଦ କାର୍ଯ୍ୟାଳୟ ପରିସରରେ ରବିବାର ଛାତ୍ର ବତ୍ସଳ ଶିକ୍ଷକ କାଳନ୍ଦୀଚରଣ ମହାନ୍ତିଙ୍କ ସ୍ମୃତିଚାରଣସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ନାୟକଙ୍କ ସଂଯୋଜନାରେ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲ୍ଲୀପ ଶେଖର ନାୟକ, ଅବସରପ୍ରାପ୍ତ ଏବିଇଓ ପ୍ରଶାନ୍ତ ନାୟକ, କ୍ରୀଡା ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ସାମାଜିକକର୍ମୀ ଦେବେନ୍ଦ୍ର ନାଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତି ୫୦ ବର୍ଷ ଧରି ଅଞ୍ଚଳରେ ଶିକ୍ଷାଦାନ କରି ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରିଥିଲେ ବୋଲି ସ୍ମୃତିଚାରଣ ଅବସରରେ ମତବ୍ୟକ୍ତ କରିଥିଲେ।


ସ୍ମୃତିଚାରଣରେ ଉପସ୍ଥିତ ବ୍ୟକ୍ତିମାନେ।

# ବୈତରଣୀ ମହିଳା ସମବାୟ ସମିତିର ବାର୍ଷିକ ସାଧାରଣ ସଭା


ସଭାରେ ଉପସ୍ଥିତ ଅତିଥି ଓ ସମବାୟ ସମିତିର କାର୍ଯ୍ୟକର୍ତ୍ତାମାନେ।

ଚାନ୍ଦବାଲି,୨୩।୨(କିଷାନ ପାତ୍ର)

ଚାନ୍ଦବାଲି ବୈତରଣୀ ମହିଳା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ଭେଙ୍କଟେଶ୍ୱର ସ୍କୁଲ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସଭାନେତ୍ରୀ ଅଳକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆରଡ଼ି ଶାଖାର ଫ୍ରଣ୍ଟ ଅଫିସ ଆସିଷ୍ଟାଣ୍ଟ ଶୁଭସ୍ମିତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସଂଘମିତ୍ରା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିବା ସହ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଉପସଭାନେତ୍ରୀ ଛଇଳବାଳା ଦାସ ସଭ୍ୟାମାନେ ଆବଶ୍ୟକ ସମୟରେ ସମବାୟରୁ ଋଣ ନେଇ ସଠିକ୍ ସମୟରେ ପରିଶୋଧ କରୁଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ସଭ୍ୟା ଶକୁନ୍ତଳା ରାଉତ, ଶାନ୍ତିଲତା ଧଳ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରି ଆଲୋଚନା କରିବା ସହ ମତାମତ ପ୍ରଦାନ କରିଥିଲେ। ଶେଷରେ ବଧୂଲି ମଞ୍ଜରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି ସାଧାରଣ ସଭାରେ ଧାମରା ଶାଖା ପରିଚାଳକ ପ୍ରକାଶ ସାହୁ, ଚାନ୍ଦବାଲି ଶାଖା ପରିଚାଳକ ମିହିର ମହାନ୍ତି, ଧୂଷୁରୀ ଶାଖା ପରିଚାଳକ ଲମ୍ବୋଧର ମଲ୍ଲିକ, ଆରଡ଼ି ଓ ପୀରହାଟ ଶାଖା ପରିଚାଳକ ଜୟନ୍ତ ବେହେରା, ଅମରେନ୍ଦ୍ର ପାଣିଙ୍କ ସମେତ ଗତିକୃଷ୍ଣ ରଣା, ସନ୍ଦୀପ ଯତି, ଜଗନ୍ନାଥ ବାରିକ, ଅମୂଲ୍ୟ ପରିଡ଼ା, ମୃଣ୍ମୟ ଜେନା, ବିଷ୍ଣୁ ମହାଳିକ, ଶ୍ରୀକାନ୍ତ ଦାସ, ସୁବ୍ରତ ଗୋଛାୟତ, ପ୍ରତାପ ପାଣିଗ୍ରାହୀ, ବିଶ୍ୱଜିତ ସାହୁ, ଦେବଶଙ୍କର ସାହୁ, ଚନ୍ଦ୍ରକାନ୍ତ ପଣ୍ଡା, ଲକ୍ଷ୍ମୀଧର ସାହୁ, ବ୍ରଜ ବିନ୍ଧାଣି, ଭରତ ରଥ, ବସନ୍ତ ସାହୁ, ଚନ୍ଦନ ବେହେରା, ରାଜେନ୍ଦ୍ର ସାହୁ, ବିଷ୍ଣୁ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆଜି ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ନବକଳେବର


କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ଧାମନଗର,୨୩।୨(ଦେବେନ୍ଦ୍ର ଆଦିଆ):

ଭଦ୍ରକ ଜିଲା ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ଜୟନ୍ତିରାସ୍ଥିତ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମଙ୍ଗଳବାର ଅନୁଷ୍ଠିତ ହେବ। ୫ ଦିନ ବ୍ୟାପି ଉତ୍ସବ ଅନୁଷ୍ଠିତ ହେବର କାର୍ଯ୍ୟକ୍ରମ ଥିବା ବେଳେ ମୁଖ୍ୟ ପୁରୋଧା ଭାବେ ବରଦା ପ୍ରସନ୍ନ ମହାପାତ୍ର ରହିଛନ୍ତି। ଗୌରାଙ୍ଗପୁର ଓ ଜୟନ୍ତିରା ଗ୍ରାମବାସୀଙ୍କ ସହଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୋମବାର କମିଟି ପକ୍ଷରୁ ଚୈତନ୍ୟ ମହାପ୍ରଭୁଙ୍କ ମଠ ପରିସରରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ୫ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ମନ୍ତ୍ରୀ, ବିଧାୟକ, ଜିଲାପାଳ, ବିଭିନ୍ନ ରାଜନେତା, ସରକାରୀ ଅଧିକାରୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଦଶରଥ ଦାଶ, ସନ୍ତୋଷ ଦାଶ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନୋଦ ବିହାରୀ ନାୟକ, ତପନ ଦାସ, ଅମରେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଧାମନଗର ବ୍ଲକ୍‌ର ପ୍ରାଚୀନ ଆଧ୍ୟାତ୍ମିକ ପୀଠ ଗୋରାଙ୍ଗପୁର ଜୟନ୍ତୀରାଠାରେ ଶ୍ରୀଚୈତନ୍ୟ ଦେବ ଅନେକ ଶହ ବର୍ଷ ଧରି ପୂଜା ପାଇ ଆସୁଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରଜତ ଜୟନ୍ତୀ


ରଜତ ଜୟନ୍ତୀ ସ୍ମରଣିକା 'ଉତ୍ତରଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଉଛି।

ଭଦ୍ରକ,୨୩।୨(ସନାତନ ରାଉତ):

ଭଦ୍ରକ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବ ସଂଘର ସମାବେଶ କେନ୍ଦ୍ର 'ନିତ୍ୟାନନ୍ଦ ଭବନ' କୁଆଁସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ଶ୍ୱେତାଶ୍ରୀ ମହାପାତ୍ର ଯୋଗ ଦେଇ ବୟସ୍କଙ୍କର ସମାଜ ପ୍ରତି ପ୍ରତିବଦ୍ଧତା, ସେମାନଙ୍କର ସେବା, ତ୍ୟାଗ ଓ ଦିଗ୍‌ଦର୍ଶନ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ବାବାଜୀ ଚରଣ ପଣ୍ଡା, ଅନ୍ୟତମ ଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ଡା. ରବୀନ୍ଦ୍ର କୁମାର ନାୟକ, ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି ମଞ୍ଚାସୀନ ଥିଲେ। ସଂଘର ରଜତ ଜୟନ୍ତୀ ସ୍ମରଣିକା 'ଉତ୍ତରଣ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂଘର ଅଶୀବର୍ଷୀୟ ସଦସ୍ୟମାନଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ମସିହାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଇଂ. ଅଭିମନ୍ୟୁ ବାରିକ, ଅରୁଣ ମିତ୍ର, ଦୈତାରୀ ଦାସ, ହରମୋହନ କୁଅଁର, କାଶୀନାଥ ସାହୁ, ଡ. ଭାଗବତ ତ୍ରିପାଠୀ, ଡ. ମନୀନ୍ଦ୍ର ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମିଶ୍ର, ଡ. କ୍ଷୀରୋଦ କୁମାର ସାମଲ, କମଳାକାନ୍ତ ସ୍ୱାଇଁ, ପ୍ରଶାନ୍ତ କୁମାର ଦେ, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ ପ୍ରମୁଖ ସହଯୋଗ କରିଥିଲେ। ଅଜିତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କରୁଣାକର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦୃଢ଼ତା ଆଣିଥାଏ ଆଧ୍ୟାତ୍ମିକତାର ଅସୀମ ଶକ୍ତି'

## ଲକ୍ଷ୍ମୀ ନାରାୟଣ ପୂଜାର ସୁବର୍ଣ୍ଣ ଜୟନ୍ତୀ

ତିହିଡି,୨୩।୨(ସଞ୍ଜିତ ବଳ)

ତିହିଡି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହାସ୍ଥିତ ଲକ୍ଷ୍ମୀନାରାୟଣ ପୂଜାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଫଳକ ଉଦ୍‌ଘାଟନ କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ ପୂଜା କମିଟିର ପୂର୍ବତନ ସଭାପତି ଇଂ. ଭାଗିରଥି ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ମହାପାତ୍ର ଆଧ୍ୟାତ୍ମିକତାରେ ନିହିତ ଅସୀମ ଶକ୍ତି ମାନସିକ ଦୃଢ଼ତା ଆଣିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଡ. ଲକ୍ଷ୍ମୀଧର ତ୍ରିପାଠୀ, ଡ. ଅଭୟ ଦାସ, ସମିତିସଭ୍ୟ ନକୁଳ ଚନ୍ଦ୍ର ବାରିକ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। କବି ଡ. ଅମୂଲ୍ୟ ସେନାପତି ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅଜୟ କୁମାର ମଲ୍ଲିକ, ଧୀରେନ୍ଦ୍ର ବଳ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ପାଣି, ମୀନକେତନ ସେନାପତି, ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତିହିଡି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ସ୍ଥାନୀୟ ସ୍କୁଲର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପୂଜା କମିଟି ସଭାପତି ପରମାନନ୍ଦ ନାୟକ, ସମ୍ପାଦକ ଦେବେନ୍ଦ୍ର ନାଥ ବାରିକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ବାରିକ, ସରୋଜ କୁମାର ନାୟକ, ଅନିରୁଦ୍ଧ ବାରିକ, କମଳାକାନ୍ତ ଦାସ, ବଳରାମ ମଲ୍ଲିକ, କରୁଣାକର ନାୟକ, ରବୀନ୍ଦ୍ର ଦାସ, ଅଶ୍ୱିନୀ ମଲ୍ଲିକ, ମାନସ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

**ବଡ଼ଳା,୨୩।୨(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଡ଼ିଆରୀପଲ୍ଲି ପଞ୍ଚାୟତ ଆତୁରିକଣା ଗ୍ରାମରେ ରବିବାର ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ଗ୍ରାମର ନିରାକାର ପଲେଇଙ୍କ ପୁଅ ଚନ୍ଦନଙ୍କ ସ୍ତ୍ରୀ ଅତଶି। ବାପଘର ଲୋକେ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଚନ୍ଦନ ୨୦୨୪ରେ ଝଇରା ଥାନା ରଗିଣା ଗ୍ରାମର ଅଭୟ ଦେହୁରୀଙ୍କ ଝିଅ ଅତଶିଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ୬ ମାସର ଶିଶୁ ପୁତ୍ର ରହିଛି। ଚନ୍ଦନ ବହୁ ସମୟରେ ବେଙ୍ଗାଲୁରୁରେ ରହି କାମ କରନ୍ତି। କିଛି ଦିନ ପୂର୍ବେ ଗାଁକୁ ଆସିଥିବା ବେଳେ ରବିବାର କୌଣସି କାରଣରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର କିଛି ସମୟ ପରେ ଅତଶି ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଇଛି। ମାତ୍ର ଝିଅକୁ ହତ୍ୟା କରାଯାଇଥିବା ଅତଶିଙ୍କ ବାପା ଅଭୟ ଦେହୁରୀ ଅଭିଯୋଗ କରିଛନ୍ତି। ପୋଲିସ ଉପଖଣ୍ଡ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାମଲା(ନଂ. ୩୬/୨୬) ରୁଜୁ କରି ଚନ୍ଦନଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ସୋସୋ ଥାନା ଅଧିକାରୀ କାନନ ସାହୁ କହିଛନ୍ତି।

### ଭାଗବତ ଟୁଙ୍ଗି ପ୍ରଚାର ପ୍ରସାର ସମିତିର ସମ୍ମିଳନୀ

**ବଡ଼ଳା,୨୩।୨(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ପଞ୍ଚାୟତ କରଡ଼ାପାଳ ଗ୍ରାମର ବାସୁଦେବ ଭାଗବତ ଟୁଙ୍ଗି କରଡ଼ାପାଳ ଆନୁକୂଲ୍ୟରେ ଭାଗବତୀ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶା ହାଟଡ଼ିହୀ ଶାଖା ପକ୍ଷରୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭାଗବତ ଟୁଙ୍ଗିର ସଭାପତି ରବିନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବାବାଜୀ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାଗବତ ଟୁଙ୍ଗି ପ୍ରଚାର ପ୍ରସାର ସମିତିର ଉପଦେଷ୍ଟା ବାମଦେବ ନାୟକ, ମୁଖ୍ୟବକ୍ତା ସତେଙ୍ଗେଶ୍ୱର ଭାଗବତ ସଂଘର ସଭାପତି ପୁଷ୍ପବତୀ ବେହେରା, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ, ଅନାଦି ଚରଣ ବିନ୍ଧାଣି, ସମ୍ପାଦକ କମଳାକାନ୍ତ ମହାରଣା, ସୁଶାନ୍ତ ମହାରଣା ଯୋଗଦେଇଥିଲେ। ନାରାୟଣ ବିନ୍ଧାଣି, ଶତ୍ରୁଘ୍ନ ସାହୁ, ସନ୍ତୋଷ ରାଉତରାୟ, ବୁଦ୍ଧଦେବ ବାରିକ, ଅଭିରାମ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

### ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବଡ଼ଳା,୨୩।୨(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ପଞ୍ଚାୟତ ନିକଟରେ ଆଖଣ୍ଡଳମଣୀ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ବିଭୁତି ସେଠୀ ଓ ତାଙ୍କ ଧର୍ମ ପତ୍ନୀ ରଶ୍ମି କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ବିଲୁଆ ମିଶ୍ର ଓ ଯୋଗୀ ମିଶ୍ର ପୂଜା କରିଥିଲେ। ସାମାଜିକକର୍ମୀ ଶରତ ସେଠୀ, ଶ୍ରୀଧର ସେଠୀ, ଅମର, ପ୍ରଫୁଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

# ଅବଧି ସରିଲା, କାମ ସରୁନି

**କେନ୍ଦୁଝର,୨୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ଅଧାପନ୍ତରିଆ ଶିରିଶପାଳ-ଜାମୁଡ଼ିଆ ରାସ୍ତାକାମ



କେନ୍ଦୁଝର ଜିଲା ସଦର ବ୍ଲକ୍ ଅଞ୍ଚଳରେ ସଂଯୋଗ ମିସିଂ ରୋଡ ଲିଙ୍କ ଯୋଜନାରେ ହେଉଥିବା କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ଯୋଜନାରେ ଶିରିଶପାଳଠାରୁ ଜାମୁଡ଼ିଆ ରାସ୍ତାକାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଅବଧି ସରିଥିଲେ ହେଁ କାର୍ଯ୍ୟ ଶେଷ ହେବାରେ ବିଳମ୍ବ କାରଣରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟ ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଆନ୍ତଃ ବ୍ଲକ ସଂଯୋଗୀକରଣ ପାଇଁ ୨୦୨୨-୨୩ରେ ସଂଯୋଗ ମିସିଂ ରୋଡ୍ ଲିଙ୍କ୍ ଯୋଜନା ଆରମ୍ଭ ହୋଇଥିଲା। ପରିବହନ ଆବଶ୍ୟକତାକୁ ପ୍ରଭାବଶାଳୀ କରିବା, ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଣୁ ଦୁର୍ଗମ ଅଞ୍ଚଳ ଜାମୁଡିହା ଏବଂ ଅନ୍ୟ ଗ୍ରାମଗୁଡ଼ିକୁ ସୁବିଧାରେ ଯାତାୟାତ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଯୋଜନାରେ ଶିରିଶପାଳଠାରୁ ଜାମୁଡ଼ିଆ ରାସ୍ତାକୁ ସାମିଲ କରାଯାଇଥିଲା। ୩ କି.ମି. ୬୩୮ ମିଟର ରାସ୍ତା ନିର୍ମାଣ ପାଇଁ ୩ କୋଟି ୬୧ ଲକ୍ଷ ୬୪ ହଜାର ୧୦୮ ଟଙ୍କା ବ୍ୟୟ ଅଟକଳ ରହିଛି। କାର୍ଯ୍ୟ ଆରମ୍ଭ ୨ମେ ୨୦୨୫ରେ ହୋଇ ୧ ଫେବୃଆରୀ ୨୦୨୬ ସୁଦ୍ଧା ସରିବାକୁ ଥିଲା। ସିଏମ୍ଆରଏଲ ଯୋଜନାରେ ନିର୍ମାଣ ହେଉଥିବା ଏହି ରାସ୍ତା ଗ୍ରାମ ନିର୍ମାଣ ବିଭାଗ(୧) ପକ୍ଷରୁ କରାଯାଉଥିବା ବେଳେ ଅଦ୍ୟାବଧି ଅଧାରୁ ଅଧିକ କାମ ହୋଇ ନ ଥିବା ଅଭିଯୋଗ ହୋଇଛି। ଅବଧି ପରେ ବି କାମ ଶେଷ ହେଉ ନ ଥିବାରୁ ଅଧାପନ୍ତରିଆ ରାସ୍ତାରେ ଯାତାୟାତରେ ଅସୁବିଧା ହେଉଛି। ଧୂଳି ପ୍ରଦୂଷଣ ଯୋଗୁ ପଥଚାରୀ ବହୁ ହଇରାଣ ହେଉଛନ୍ତି। ବର୍ଷା ହେଲେ କାଦୁଅ ହୋଇଯାଉଥିବାରୁ ଲୋକମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଉପଯୁକ୍ତ ତଦାରଖ ଅଭାବରୁ କାମର ମାନ ଠିକ୍ ହେଉନାହିଁ। ଫଳରେ ଏହାର ସ୍ଥାୟିତ୍ୱକୁ ନେଇ ମଧ୍ୟ ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଇଂ. ସରୋଜ କୁମାର ସେନାପତି କହିଛନ୍ତି, କେତେକ ସ୍ଥାନରେ ପାହାଡ଼ ଥିବାରୁ କାମ ହେବାରେ ବାଧା ସୃଷ୍ଟି ହେଉଛି। ପାହାଡ଼ କଟାଯାଇ ଏହି କାମ ମେ' ମାସ ସୁଦ୍ଧା ଶେଷ ହେବ ବୋଲି ସେ କହିଥିଲେ।

# ୬୫୯ ଜଣଙ୍କ ମାଗଣା ଚକ୍ଷୁ ପରୀକ୍ଷା




ଡାକ୍ତର ଜଣେ ମହିଳାଙ୍କ ଆଖି ପରୀକ୍ଷା କରୁଛନ୍ତି।

**ଯୋଡ଼ା,୨୩।୨(ମାନସ ମହାନ୍ତି)**

ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନର ପ୍ରମୁଖ କାର୍ଯ୍ୟକ୍ରମ 'ଦୃଷ୍ଟି' ଅଧୀନରେ ଏବଂ କେନ୍ଦୁଝର ଏଲଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, ଟେନ୍ସା ମାଇନ୍ସ ଓ କାଶିଆ ମାଇନ୍ସ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ପେଲେଟ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଦେଓଝର ପଞ୍ଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ୍ ପ୍ଲାଣ୍ଟ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁବିଶିଷ୍ଟ ଲୋକ ଓ ସିଏସ୍ଆର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ଟେନ୍ସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ସରକାରୀ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଟେନସା ମାଇନ୍ସର ଅଧିକାରୀ ଉପସ୍ଥିତ ଥିଲେ। କାଶିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ ପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ ଓ ବାସୁଦେବପୁର ଗୋଷ୍ଠୀ ଚକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, କାଶିଆ ମାଇନ୍ସର ଅଧିକାରୀ, ସିଏସ୍ଆର ଅଧିକାରୀ ଓ ସ୍ୱାସ୍ଥ୍ୟ ସଂଗିନୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲେ। ପାରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଜିନ୍ଦଲ ଫାଉଣ୍ଡେଶନ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି।

# କେନ୍ଦେଇପୋଶିରେ ହିନ୍ଦୁ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ପାଟଣା,୨୩।୨(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପୋଷି ଲକ୍ଷ୍ମୀ ମଣ୍ଡପ ପଡ଼ିଆରେ ରବିବାର ଭବ୍ୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନାତନ ଧର୍ମ, ସଂସ୍କୃତି ଓ ସାମାଜିକ ଏକତା ଉପରେ ଦିଗଦର୍ଶନ ଦିଆଯାଇଥିଲା। ମୁଖ୍ୟ ଅତିଥିଭାବେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପୂର୍ବ ପ୍ରାନ୍ତର ମଦନ ମୋହନ ଦ୍ୱିବେଦୀ, ମୁଖ୍ୟବକ୍ତା କେନ୍ଦୁଝର ନଗର କାର୍ଯ୍ୟବାହ ଦୟାନିଧି ମହାନ୍ତ, ସମ୍ମାନିତ ଅତିଥିଭାବେ ପାଟଣା ଖଣ୍ଡ ସଂଘ ଚାଳକ କାଳୀଚରଣ ମହାନ୍ତ, ରାଜ୍ୟ କିଷାନ ସଂଘ ସମ୍ପାଦକ ପ୍ରଦୀପ ମହାନ୍ତ, ଲକ୍ଷ୍ମୀଧର ନାଏକ, ରତ୍ନାକର ନାଏକ ଯୋଗଦେଇ ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ଭେଦଭାବ ଭୁଲି ଏକାଠି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଭା ଆରମ୍ଭରେ ୧୦୮କଳସ ଯାତ୍ରା, ତୁଳସୀ ପୂଜନ, କନ୍ୟା ପୂଜନ, ଗାୟତ୍ରୀ ଯଜ୍ଞ, ପୂଜକଙ୍କ ଦ୍ୱାରା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଖିଳାନନ୍ଦ ମହାନ୍ତ ସଂଯୋଜନା କରିଥିବା ବେଳେ ସଞ୍ଜୀବ ମହାନ୍ତ ଧନ୍ୟବାଦ ଦେଇଥିଲେ। ମନୋରମା ପ୍ରଧାନ, ବ୍ରହ୍ମାନନ୍ଦ ସାହୁ, ମିତ୍ରଭାନୁ ନାଏକ, ସସ୍ମିତା ବାରିକ ପ୍ରମୁଖ ପରିଚଳନା କରିଥିଲେ।

# ବିକାଶ ମଞ୍ଚର ନୂତନ କର୍ମକର୍ତ୍ତା ନିର୍ବାଚିତ

**ଢେଙ୍କିକୋଟ,୨୩।୨(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଢେଙ୍କିକୋଟଠାରେ ଥିବା ବିକାଶ ମଞ୍ଚର ସାଧାରଣ ସଭା ସୋମବାର ମହାଲକ୍ଷ୍ମୀ ପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିକାଶ ମଞ୍ଚର ୩୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହିଥିଲେ। ମଞ୍ଚର ପୂର୍ବତନ ସଭାପତି ପ୍ରଫେସର ଯୁଗଳ କିଶୋର ଦାସ ଅସୁସ୍ଥ ଥିବାରୁ ସେ ସଭାପତି ପଦରୁ ଇସ୍ତଫା ଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ ହୋଇଥିବା ବେଳେ ବିକାଶ ମଞ୍ଚର ସଭାପତି ଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ପାତ୍ର, କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ସାହୁ, ଉପ ସଭାପତି ଅନାଦି ଚରଣ ସିଂହ, ସମ୍ପାଦକ ବିଜୟ ସାହୁ, ସମ୍ପାଦକଭାବେ ଏମ୍‌ଡି ହବିବୁର ଖାଁ, କୋଷାଧ୍ୟକ୍ଷ ଗୌରୀଶଙ୍କର ମୁନ୍ଦୁଡ଼ା ନିର୍ବାଚିତ ହୋଇଛନ୍ତି। ସେହିପରି ଏକ୍‌ଜିକ୍ୟୁଟିଭରେ ଅଲେଖ ଚନ୍ଦ୍ର ସିଂହ, ଚିତ୍ତରଞ୍ଜନ ସାହୁ, ମକରଧଜ ସାହୁ, ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ଉତ୍ତମ ନାୟକ, ଭାଗୀରଥି ପୃଷ୍ଟି, ମହେଶ୍ୱର ସାହୁ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀଭାବେ ସାମାଜିକକର୍ମୀ କୁଳମଣି ମଣ୍ଡଳ, ପ୍ରଫୁଲ୍ଲ ସିଂହ ଏବଂ ଶଙ୍କର୍ଷଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ନୂତନ କମିଟି ଢେଙ୍କିକୋଟ କଲ୍ୟାଣ ମଣ୍ଡପ, ଢେଙ୍କିକୋଟ ଶ୍ମଶାନ ଘାଟ, ଢେଙ୍କିକୋଟ ଧୋବାତୁଠ, ବଜାରର ଉନ୍ନତିକରଣ, ଜାତୀୟ ରାଜପଥ ଓଭରବ୍ରିଜ ଉପରେ ଷ୍ଟ୍ରିଟ୍‌ଲାଇଟ୍ ନିମନ୍ତେ ଜିଲାପାଳ ଓ ଜାତୀୟ ରାଜପଥ ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଆଲୋଚନା କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ମଞ୍ଚ ତରଫରୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



**କେନ୍ଦୁଝର,୨୩।୨(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ ପାଟୁଙ୍ଗ ସତ୍‌ସଙ୍ଗ ଉପାସନା କେନ୍ଦ୍ରଠାରେ ପରମପ୍ରେମ ମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଏବଂ ପାଟୁଙ୍ଗ ସତସଙ୍ଗ କେନ୍ଦ୍ର ଉପାସନା କେନ୍ଦ୍ରର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସକାଳୁ ଉଷା କିର୍ତ୍ତନ, ବିନତୀ ପ୍ରାର୍ଥନା, ସଙ୍ଗୀତାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍‌ସଙ୍ଗ ଜିଲା ସଭାପତି ଡା: ବେଣୁଧର ମୁଦୁଲିଙ୍କ ସହ ପ୍ରତି ରତବିକ ସତ୍‌ସଙ୍ଗ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବସନ୍ତ ସାହୁ, ସହ ପ୍ରତି ରତବିକ ଯୋଗଦେଇଥିଲେ। ସ୍ଥାନୀୟ ଗୁରୁଭାଇ ପ୍ରସନ୍ନ କୁମାର ପ୍ରଧାନ ପ୍ରାରମ୍ଭିକ ଆଲୋଚନା କରିଥିଲେ। ମହୋତ୍ସବରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ସତ୍‌ସଙ୍ଗ କର୍ମୀ ଓ ଅନୁଗାମୀ ଉପସ୍ଥିତ ଥିଲେ।

# ଗାଡ଼ି ଜବତରେ କାର୍ଯ୍ୟାନୁଷ୍ଠାନ ସୀମିତ

**କେନ୍ଦୁଝର,୨୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ବେଆଇନ ବାଲିଚାଲାଣ ବଢୁଛି

କେନ୍ଦୁଝର ଜିଲାରେ ବେଆଇନ ବାଲି ଖଣି ଖନନ ଓ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଦୈନିକ ବହୁ ସଂଖ୍ୟାରେ ବେଆଇନ ବାଲି ବୋଝେଇ ହୋଇ ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖି ଉଚ୍ଚା ଦରରେ ବିକ୍ରି କରାଯାଉଛି। କେନ୍ଦୁଝର ଟାଉନ ଥାନା ପୋଲିସ ଗତ କିଛିଦିନ ମଧ୍ୟରେ ପାଖାପାଖି ୧୨ରୁ ଊର୍ଦ୍ଧ୍ୱ ବେଆଇନ ବାଲି ବୋଝେଇ ହାଇୱା ଜବତକରି କୋର୍ଟଚାଲାଣ କରିଛି। ବାଲି ଗାଡ଼ି ଜବତ ବ୍ୟତୀତ ମାଫିଆ ଓ ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବାଲି ଚୋରିରେ ରୋକ ଲାଗୁ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବେଆଇନ ବାଲିଘାଟ ଚଲାଉଥିବା ଏବଂ ବାଲି ମାଫିଆମାନେ ବାଲିକୁ ୧୨ ହଜାର ଟଙ୍କାରେ ବିକ୍ରି ଦେଇଥାନ୍ତି । ବାଲି ଲୋଡ୍‌କରିବା ପାଇଁ ୩ ହଜାର ଲାଗୁଥିବା ବେଳେ ହାଇୱାକୁ ଗାଡ଼ି ମାଲିକ ରାତି ଅଧରେ ବିଭିନ୍ନ ବାଟରେ ଚାଲାଣକରି ୩୦ରୁ ୩୫ ହଜାର ଟଙ୍କାରେ ବିକ୍ରି କରିଦେଇଥାନ୍ତି। ଧରପଗଡ଼ ହେଲେ ସେମାନେ ବାଟରେ ହାତଗୁଞ୍ଜା ଦେଇ ଖସି ପଳାଇଥାନ୍ତି । ରାଜନୈତିକ ସୁରକ୍ଷା ରହୁଥିବାରୁ ଏହା ବନ୍ଦ ହେଉନାହିଁ ବୋଲି ଅନେକେ ମତବ୍ୟକ୍ତ କରୁଛନ୍ତି। ଅନେକ ସମୟରେ ଖଣି, ବନ, ରାଜସ୍ୱ ବିଭାଗ ଧରପଗଡ଼ କରୁଛନ୍ତି। ଏହାକୁ ରୋକିବା ପାଇଁ ଟାସ୍କଫୋର୍ସ ରହିଥିଲେ ହେଁ ଚୋରାକାରବାର ରୋକାଯାଇପାରୁ ନ ଥିବାରୁ ସରକାରଙ୍କ ଅନେକ ଶହ କୋଟି ଟଙ୍କା କ୍ଷତିହେବା ସହ ପରିବେଶ କ୍ଷତି ହେଉଛି। ଆନନ୍ଦପୁର ଅଞ୍ଚଳରେ ବାଲି ମାଫିଆମାନେ ଆକ୍ରମଣ କରିବା ସହ ବାଲି ଖଣିରୁ ଗ୍ରାମାଞ୍ଚଳ ରାସ୍ତା ଦେଇ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣା, ରାସ୍ତା ନଷ୍ଟ ଭଳି ଘଟଣା ଘଟୁଥିବାରୁ ଅନେକ ସମୟରେ ବିବାଦ ଦେଖାଦେଉଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ବେଆଇନ ବାଲି ହାଇୱାକୁ ଧରି କୋର୍ଟଚାଲାଣ କରାଯାଉଛି। ଖଣି ବିଭାଗ କାହିଁକି ଧରପଗଡ଼କରି ବେଆଇନ ଷ୍ଟକ ୟାର୍ଡଗୁଡିକୁ ଜବତ କରୁନାହିଁ ତାହାକୁ ନେଇ ସନ୍ଦେହ ଉପୁଜୁଛି।

# ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ବୈଠକ

**କେନ୍ଦୁଝର,୨୩।୨(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଗୋପାଳପୁରଠାରେ ରବିବାର ପ୍ରାକୃତିକ ପରିବେଶ ଘେରା କାନ୍‌ଝରୀ ନଦୀ କୂଳରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇ ବାର୍ଥର ବାର୍ଷିକ ବୈଠକ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ଶତାଧିକ ସଦସ୍ୟା, ସଦସ୍ୟ ଯୋଗଦେଇଥିଲେ। ସଂଗଠନର ପ୍ରତିଷ୍ଠାତା ଇଂ. ସୁନୀଲ ବେହେରା ସମାଜସେବାକୁ ଏକ ବ୍ରତ ଭାବରେ ଗ୍ରହଣ କରିବାକୁ ସଦସ୍ୟଙ୍କୁ ନିବେଦନ କରିଥିଲେ। ସଂଗଠନର ସହ ପ୍ରତିଷ୍ଠାତା ଇଂ. ସତ୍ୟ ରଞ୍ଜନ ସାହୁ ସଂଗଠନର ବାର୍ଷିକ ବିବରଣୀ ରଖିବା ସହିତ ଆଗାମୀ କାର୍ଯ୍ୟକ୍ରମ ଯଥା କନ୍ୟା ବିବାହ, ଡ୍ରପ୍ ଆଉଟ୍ ଛାତ୍ରଙ୍କୁ ପୁନଃ ଶିକ୍ଷାଦାନ ଓ ଜରା ନିବାସ ନିର୍ମାଣ ଆଦି ଉପରେ ଆଲୋକପାତ କରିଥିଲେ। ଏହାସହିତ ନିମନ୍ତ୍ରିତ ଅତିଥିମାନେ ଯଥା ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାସ, ସାମାଜିକକର୍ମୀ ଇଂ. ରାଜୀବ ସାହୁ, ନାରୀନେତ୍ରୀ କିରଣବାଳା ନାଏକ, ବରିଷ୍ଠ ରାଜନେତା ପ୍ରଦୀପ ବେହେରା ପ୍ରମୁଖ ସମାଜରେ ବିଭିନ୍ନ ସେବା ଗୁଡ଼ିକର ଆବଶ୍ୟକତା ଏବଂ ସ୍ୱେଚ୍ଛାସେବୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ।

# ୧୧ ବର୍ଷ ହେଲା ହୋଇନି ଆରପିଡିଏସି ବୈଠକ

**କେନ୍ଦୁଝର,୨୩।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦୁଝର ଜିଲା ବଲାଣୀ ଲୁହାଖଣି ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ସୁବିଧା ଅସୁବିଧା ବୁଝିବା ସହ ସମାଧାନ ପାଇଁ ବସିବାକୁ ଥିବା ରିହାବିଲିଟେଶନ ଆଣ୍ଡ ପେରିଫେରାଲ ଡେଭେଲପ୍‌ମେଣ୍ଟ ଆଡ୍‌ଭାଇଜରି କମିଟି (ଆରପିଡିଏସି) ବୈଠକ ବସୁନାହିଁ। ଦୀର୍ଘ ୧୧ ବର୍ଷ ହେଲା ବୈଠକ ବସୁ ନ ଥିବାରୁ ଖଣି କ୍ଷତିଗ୍ରସ୍ତଙ୍କ ସମସ୍ୟା ଆଲୋଚନା ହୋଇପାରୁନାହିଁ। ଫଳରେ କ୍ଷତିଗ୍ରସ୍ତ ବିଭିନ୍ନ ସୁବିଧା ପାଇବାରୁ ବଞ୍ଚିତ ରହୁଛନ୍ତି। ଏଥିପାଇଁ ସ୍ଥାନୀୟ ବସୁନ୍ଧରା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝରସ୍ଥିତ କାର୍ଯ୍ୟାଳୟରେ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବି ମୁତାବକ, ବୈଠକ ବସିଲେ ଖଣିସଂସ୍ଥା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ବିଷୟରେ ଆଲୋଚନା ହୋଇପାରିବ। ବର୍ତ୍ତମାନ ସମୟରେ ଲୋକଙ୍କ ସମସ୍ୟା ଆଲୋଚନା କରାଯାଇ ଖଣିସଂସ୍ଥା ପକ୍ଷରୁ ଲୋକଙ୍କ କଲ୍ୟାଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରିବ ବୋଲି ସଂଗଠନର ନିର୍ଦ୍ଦେଶକ ବିବେକାନନ୍ଦ ନନ୍ଦ କହିଛନ୍ତି। ଖଣି ସମ୍ପ୍ରସାରଣ ବେଳେ ୨୪ ଅକ୍ଟୋବର ୨୦୧୧ରେ ଅନୁଷ୍ଠିତ ଜନଶୁଣାଣି ସମୟରେ କମ୍ପାନୀ ପକ୍ଷରୁ ପରିବେଶ ଓ ଲୋକଙ୍କ ସୁରକ୍ଷା ତଥା ସେମାନଙ୍କ ଜୀବନଜୀବିକାର ସମୃଦ୍ଧ ଏବଂ ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ପାଳନ କରି ନ ଥିବା ଅଭିଯୋଗ ହୋଇଛି । ସେହିପରି ଖଣି କମ୍ପାନୀର କାମକାର୍ଯ୍ୟ ତଥା ଲୋକଙ୍କ ସୁବିଧା ଅସୁବିଧା ସମୀକ୍ଷା କରିବା ଏବଂ କମ୍ପାନୀ ଲୋକଙ୍କ ପାଇଁ ଦେଇଥିବା ପ୍ରତିଶ୍ରୁତି ଓ ଦାୟିତ୍ୱବୋଧ ପାଳନ ହେଉଛି କି ନାହିଁ ସେସବୁର ସମୀକ୍ଷା ଲାଗି ନିୟମିତ ବ୍ୟବଧାନରେ ହେବାକୁଥିବା ଆର୍‌ପିଡିଏସି ବୈଠକ ମଧ୍ୟ ବସୁ ନ ଥିବା ଅଭିଯୋଗ ହୋଇଛି। ସେସବୁ ମଧ୍ୟରେ ସ୍ଥାନୀୟ କ୍ଷତିଗ୍ରସ୍ତଙ୍କ ପିଲାଙ୍କୁ ବୈଷୟିକ ଶିକ୍ଷା ଓ ତାଲିମ ଦେବାକୁ ଆଇଟିଆଇ ପ୍ରତିଷ୍ଠା, ବଲାଣୀ ବସ୍ତିରେ ଥିବା ବିଦ୍ୟାଳୟକୁ ଅପଗ୍ରେଡ୍ କରିବା, ସ୍ଥାନୀୟ ଅଞ୍ଚଳର କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଏବଂ ପେଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଦି ଦାବି ରହିଛି। ବାରମ୍ବାର ଏହି ସଂଗଠନ ବିଭିନ୍ନ ମହଲରେ ଦାବି କରିଆସୁଥିଲେ ହେଁ କେହି ଶୁଣୁ ନ ଥିବା ଏବଂ ଆରପିଡିଏସି ବୈଠକ ବସୁ ନ ଥିବାରୁ ପ୍ରତିଶ୍ରୁତି ପୂରଣ ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନୂତନ ସରକାର ଦାୟିତ୍ୱ ନେଇଥିବା ଏବଂ ଜିଲାର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ଜିଲାର ସମସ୍ୟାକୁ ଅଗ୍ରାଧିକାର ଦେଇ ସମାଧାନ କରିବେ ବୋଲି ଆଶାବାଦୀ ଥିବା କହିଛନ୍ତି।

# ସାଇବର କବଚ ଅଭିଯାନରେ ୪ ଗିରଫ

**ବଡ଼ବିଲ,୨୩।୨(ଜୟନ୍ତୀ ରଣା)**



ସାଇବର ଠକେଇ ଅଭିଯୋଗରେ ଗିରଫ ୪ ଅଭିଯୁକ୍ତ।

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ସୋମବାର ସାଇବର କବଚ ଅଭିଯାନରେ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବଡ଼ବିଲ ବରକତ ନଗର ଅଞ୍ଚଳରେ ରହୁଥିବା ମହମ୍ମଦ ଆମିର, କେ ଅଲି ମହୋଲ୍ଲା ଅଞ୍ଚରେ ରହୁଥିବା ଏମ୍‌ଡି ଇରସାଦ, ମାଟକାମବେଡା କଳିଙ୍ଗ ନଗର ଅଞ୍ଚଳର ଲଳିତ କୁମାର ସେଠୀ ଓ ଶ୍ରୀରାମ ନଗର ଅଞ୍ଚଳରେ ରହୁଥିବା ରାମାନୁଜ ଲାଲ। ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ନିରଜ କୁମାର ସେଠୀଙ୍କୁ ଅଭିଯୁକ୍ତମାନେ ସ୍ୱଳ୍ପ ଆର୍ଥିକ ସହାୟତା ପ୍ରତିବଦଳରେ ନିଜ ନାମରେ ଏକ ନୂଆ ସିମକାର୍ଡ ନେବା ସହ ବ୍ୟାଙ୍କରେ ଏକ ନୂତନ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଇଥିଲେ। ପରେ ଉକ୍ତ ସିମ୍ ଓ ବ୍ୟାଙ୍କ ଆକାଉଣ୍ଟକୁ କବ୍ଜା କରିଥିଲେ। ଅଭିଯୁକ୍ତମାନେ ବ୍ୟାଙ୍କ ଆକାଉଣ୍ଟ ଓ ସିମ୍‌କାର୍ଡକୁ ବ୍ୟବହାର କରି ସାଇବର ଠକେଇ କରୁଥିଲେ। ଏ ନେଇ ନିରଜ କୁମାର ଥାନାରେ ଅଭିଯୋଗ କରିଥିଲେ। ଏତଲାକୁ ଆଧାର କରି ବଡ଼ବିଲ ପୋଲିସ ମାମଲା(ନଂ.୫୭/୨୦୨୬)ରୁଜୁ କରିଥିଲା। ପୋଲିସ ତଦନ୍ତ କରି ଅଭିଯୁକ୍ତମାନେ ପିରାମିଡ ଉପାୟରେ କାର୍ଯ୍ୟ କରୁଥିବା ଏକ ସଂଗଠିତ ସାଇବର ଅପରାଧର ଏକ ଅଂଶ ଥିଲେ ବୋଲି ଜାଣିବାକୁ ପାଇଥିଲା। ଅଭିଯୁକ୍ତ ମୁଖ୍ୟତଃ ଗରିବ ଓ ନିରକ୍ଷର ଲୋକଙ୍କୁ ପ୍ରଲୋଭନ ଦେଖାଇ ବ୍ୟାଙ୍କ ଆକାଉଣ୍ଟ ଓ ସିମ୍ ସଂଗ୍ରହ କରି ଫିସିଂ, ଅନ୍‌ଲାଇନ ଠକେଇ, ଡେବିଟ କାର୍ଡ, କ୍ରେଡିଟ କାର୍ଡ, ପରିଚୟ ଚୋରି ଆଦି ଅନେକ ସାଇବର ଅପରାଧ ନିମନ୍ତେ ବ୍ୟବହାର କରୁଥିଲେ। ମାଷ୍ଟର ମାଇଣ୍ଡ ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଛି। ବଡ଼ବିଲ ଅଞ୍ଚଳର ଅଭିଯୁକ୍ତଙ୍କ ଜରିଆରେ ମାଷ୍ଟରମାଇଣ୍ଡ ଜଣକ ମ୍ୟୁଲ ଆକାଉଣ୍ଟ ସଂଗ୍ରହ କରି ସାଇବର ଠକେଇ କରୁଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା ବେଳେ ସେମାନଙ୍କ ନିକଟରୁ ଅନ୍ୟ ନାମରେ ଥିବା ବ୍ୟାଙ୍କ ପାସ୍‌ବୁକ ଓ ମୋବାଇଲ ଫୋନ ଜବତ କରିଛି। ଖବରଦାତା ସମ୍ମିଳନୀରେ ଇନ୍ସପେକ୍ଟର ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦେଶବ୍ୟାପୀ ଚାଲିଥିବା ସାଇବର କବଚ ଅଭିଯାନରେ କେନ୍ଦୁଝର ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଥାନାରେ ଏକ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହିକ୍ରମରେ ବଡ଼ବିଲ ପୋଲିସ ଉକ୍ତ ର୍‍ୟାକେଟର ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି।

## ବ୍ୟାଙ୍କ ପାସ୍‌ବୁକ୍, ମୋବାଇଲ ଜବତ

